ନିର୍ଭୀକ ଆମ
R.N.I. REGD. NO: ORORI/25/A2124
# ସମବାୟ ସମ୍ବାଦ
NIRBHIKA AMA SAMABAYA SAMBAD
• Vol -1 • Issue - 3 • January 16 - 31, 2026 • Bhubaneswar • Rs. 5 • Pages - 08 • Fortnightly
• ଭାଗ-୧ • ସଂଖ୍ୟା-୩ • ଜାନୁୟାରୀ ୧୬ - ୩୧, ୨୦୨୬ • ଭୁବନେଶ୍ୱର • ମୂଲ୍ୟ ୫.୦୦ ଟଙ୍କା • ପୃଷ୍ଠା ସଂଖ୍ୟା -୦୮ • ପାକ୍ଷିକ

## ଧାନକିଣା ଆରମ୍ଭରୁ ବିଭ୍ରାଟ, ରାସ୍ତାରେ ଚାଷୀ

ଅନୁଗୁଳ: ଧାନକିଣା ଆରମ୍ଭରୁ କଟ୍‌ନିଛଟ୍‌ନି ତାତି। କୁଇଣ୍ଟାଲ ପିଛା ୫ କେଜି ଧାନ କଟା ଯାଉଥିବା ଅଭିଯୋଗ ଆଣି ଆଜି ରାସ୍ତାକୁ ଓହ୍ଲାଇଛନ୍ତି ଚାଷୀ। ଅନୁଗୁଳ ବ୍ଲକ୍ ପୋକତୁଙ୍ଗା ମଣ୍ଡିରେ ଆଜି ଏମିତି ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା ବେଳେ ଏହା ଧାନକିଣାକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇଛି। ଅନୁଗୁଳ ଜିଲ୍ଲାରେ ସପ୍ତାହେ ହେଲା ଧାନକିଣା ଆରମ୍ଭ ହେଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ଧାନକିଣା ଜୋର ଧରିନି। ଆଜି ପୋକତୁଙ୍ଗା ମଣ୍ଡିରେ କଟ୍‌ନିଛଟ୍‌ନି ନେଇ ଚାଷୀ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଧାନର ମାନ ଭଲ ନାହିଁ କହି ଆରମ୍ଭରୁ କେଁ ବାହାର କରାଯାଇଥିଲା। ଏଫ୍‌ଏକ୍ୟୁ ମାନର ଧାନ ନଥିବା ଦର୍ଶାଇ ଧାନ ଉଠାଇବାକୁ ମନା କରିଥିଲେ ମିଲର୍ସ। ଏଣୁ କୁଇଣ୍ଟାଲ ପିଛା ୫ କେଜି ଧାନ କାଟିବା ପାଇଁ କହିଥିଲେ। କିନ୍ତୁ ଚାଷୀ ଏଥିରେ ରାଜି ହୋଇ ନଥିଲେ। ଯେଉଁ ଧାନ ଆସିଛି ସବୁ କିଣିବାକୁ ଚାଷୀମାନେ ଦାବି କରିଥିଲେ। ଫଳରେ ମଣ୍ଡିରୁ ଧାନ ଉଠି ନଥିଲା। ଏପଟେ ଚାଷୀମାନେ କରତପଟା-ବନ୍ତଲା ରାସ୍ତାକୁ



ଅବରୋଧ କରି ରଖିଥିଲେ। ଏହା ସହ ମଣ୍ଡିରେ ତାଲା ପକାଇ ଦେଇଥିଲେ। ପରେ ଅଧିକାରୀମାନେ ବୁଝାସୁଝା ପରେ ଆନ୍ଦୋଳନ ହଟିଥିଲା। କୁଇଣ୍ଟାଲ୍ ପିଛା ୫ କେଜି ଧାନ କାଟିଲେ ହେବନି ବୋଲି ଚାଷୀମାନେ କହିବା ସହ ୩ କେଜି କାଟିବା ପାଇଁ ରାଜି ହୋଇଥିଲେ। ପରେ ସନ୍ଧ୍ୟାରେ ଧାନକିଣା ଆରମ୍ଭ ହୋଇଥିବା ଜଣାପଡ଼ିଛି। ଯୋଗାଣ ବିଭାଗ ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ସମୁଦାୟ ୨୭ଟି ମଣ୍ଡିରେ ଧାନକିଣା ଆରମ୍ଭ ହୋଇଛି। ଏଥିରେ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀ ରହିଥିଲା ବେଳେ ୨୬ଟି ପ୍ୟାକ୍ସ ଧାନ କିଣିଛନ୍ତି। ମୋଟ ୬୯ ଜଣ ଚାଷୀଙ୍କ ପାଖରୁ ୨୧୮୯.୨୭ କୁଇଣ୍ଟାଲ ଧାନ କିଣା ହୋଇଛି। ଏଥର ଜିଲ୍ଲାରେ ୧୦୦ଟି ମଣ୍ଡିରେ ଧାନ କିଣିବାକୁ ନିଷ୍ପତ୍ତି ହୋଇଥିଲା ବେଳେ ଏହାର ଏକ ଚତୁର୍ଥାଂଶ ମଣ୍ଡିରେ ଧାନକିଣା ଆରମ୍ଭ ହୋଇଛି। ଅନୁଗୁଳରେ ପାଖାପାଖି ୪୯ ହଜାର ଚାଷୀ ଧାନ ବିକିବାକୁ ନାମ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଅନୁଗୁଳ ଜିଲ୍ଲାରୁ ୮ ଲକ୍ଷ ୯୨ ହଜାର କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ୍ ଦେଇଛନ୍ତି ସରକାର। ୧୩ ଜଣ ମିଲର୍ସ ଚୁକ୍ତିବଦ୍ଧ ହୋଇଛନ୍ତି। ଏନେଇ ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ କହିଛନ୍ତି, ପର୍ଯ୍ୟାୟକ୍ରମେ ଜିଲ୍ଲାର ବିଭିନ୍ନ ଭାଗରେ ମଣ୍ଡି ଖୋଲୁଛି।

## ଜିଲ୍ଲାରେ ଦିନକରେ ୪୫ହଜାର କୁଇଣ୍ଟାଲ ଧାନ ଉଠାଇବାକୁ ଜିଲ୍ଲା ଯୋଗାଣ ବିଭାଗ ଲକ୍ଷ୍ୟ

ନବରଙ୍ଗପୁର: ସବୁ ବର୍ଷ ପର ଏହି ବର୍ଷ ମଧ୍ୟ ଖରିଫ ମଣ୍ଡିରେ ଚିରାଚରିତ ଲାଗି ରହିଥିବା ଚାଷୀ ଓ ମିଲର୍ସଙ୍କ କଟନୀଛଟନି ବିବାଦ ଲାଗି ରହିଥିଲା। ଫଳରେ ମଣ୍ଡିରୁ ଧାନ ଉଠିବା ପ୍ରକ୍ରିୟା ବନ୍ଦ ହୋଇଥିଲା। ଏହି ସମୟରେ ଓଡିଶା ମିଲର୍ସ ଆସୋସିଏସନ୍ ୪ଦଫା ଦାବି ନେଇ ଆନ୍ଦୋଳନ କରି ଧାନ ଉଠାଇନଥିଲେ। ନବରଂଗପୁର ଜିଲ୍ଲାର ୫୮ଟି ମଣ୍ଡିରେ ୫ଲକ୍ଷ ୭୦ହଜାର ବସ୍ତା ଧାନ ପଡ଼ି ରହିଥିଲା। ଗତକାଲି ମିଲର୍ସଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହେବା ପରେ ଧାନ ଉଠିବାରେ ଲାଗିଛି। ତେବେ ମିଲର୍ସଙ୍କ ଗୋଟିଏ ଦାବି ପୂରଣ ହେବା ସହ ସେମାନେ ଲାଭରେ ରହିଛନ୍ତି। ଏହା ବାଦେ ଚାଷୀମାନଙ୍କ ସହ ଉପୁଜିଥିବା କଟନି ଛଟନି ବିବାଦ ଅଚାନକ ଭାବେ ଅନ୍ତ ହୋଇଛି। ପୂର୍ବରୁ ଚାଷୀ ମାନେ ୨ରୁ ୩କିଲୋ ହିଁ ଧାନ ଦେବାକୁ କହି ଜିଦ୍ ଧରି ବସିଥିଲେ। ଏବେ ୫ରୁ ୬କିଲୋ ଧାନ କଟନିଛଟନିରେ ଦେବାକୁ ରାଜି ହେବା ପରେ ମଣ୍ଡି ଗୁଡିକରେ ସ୍ୱାଭାବିକ ଭାବେ ଧାନ ଉଠିବାରେ ଲାଗିଛି। ଜିଲ୍ଲାରେ ଆଜି ଦିନକରେ ୪୫ହଜାର କୁଇଣ୍ଟାଲ ଧାନ ଉଠାଇବାକୁ ଜିଲ୍ଲା ଯୋଗାଣ ବିଭାଗ ଲକ୍ଷ୍ୟ ରଖିଥିବା କହିଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି ଓ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ବାସୁଦେବ ପ୍ରଧାନ। ତେବେ ଆଜି ୧୪୧୩ଜଣ ଚାଷୀଙ୍କ ଠାରୁ ୨୭ହଜାର ୧୯୨କୁଇଣ୍ଟାଲ ଧାନ ଉଠିଛି। ସେଭଳି ଏଯାଏଁ ୬୭୧୩ଜଣ ଚାଷୀଙ୍କ ଠାରୁ ୨ଲକ୍ଷ ୮୯ହଜାର ୮୮୭କୁଇଣ୍ଟାଲ ଧାନ ଉଠିଛି। ୪୨୬୧ଜଣ ଚାଷୀଙ୍କ ଆକାଉଣ୍ଟରେ ଧାନ ବାବଦକୁ ୧୫କୋଟି ୨୬ଲକ୍ଷ ଟଙ୍କା ଜମା ହୋଇ ସାରିଛି ବୋଲି କହିଛନ୍ତି ସିଏସଓ। ସେହିପରି ଜିଲ୍ଲାରେ ଥିବା ୮୨ଜଣ ମିଲର୍ସଙ୍କ ମଧ୍ୟରୁ ୨୦ଜଣ ଚାଉଳ ସମ୍ପୁର୍ଣ୍ଣ ଫେରାଇ ନଥିବାରୁ ଚୁକ୍ତି କରି ପାରିନାହାନ୍ତି। ବଳକା ୬୨ଜଣଙ୍କ ମଧ୍ୟରୁ ୫୭ମିଲର୍ସ ଧାନ ଉଠାଉଛନ୍ତି। ବାକି ୫ମିଲର୍ସ ବ୍ୟାଙ୍କ ଗ୍ୟାରେଣ୍ଟି ଜମା କଲେ ଧାନ ଉଠାଇବେ। ଏହି ୬୨ମିଲର୍ସଙ୍କୁ ଏଯାଏଁ୭ଲକ୍ଷ ୯୯ହଜାର କୁଇଣ୍ଟାଲ ଧାନ ଉଠାଇବାକୁ ଅନୁମତି ଦିଆଯାଇଛି। ୧୦ହଜାର ୫୦୦ଚାଷୀଙ୍କୁ ଟୋକନ୍ ଯିବା ପରେ ୪୪ହଜାର ୧୦୦ଚାଷୀ ଟୋକନ ପାଇଛନ୍ତି ବୋଲି କହିଛନ୍ତି ସିଏସଓ ଏବଂ ଏସିଏସଓ। ମଣ୍ଡି ସ୍ୱାଭାବିକା କରିବା ପାଇଁ ନିୟମିତ ଭାବେ ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ, ୨ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ସିଏସଓ, ଏସିସିଏସଓ, ଆରଏମସି ସମ୍ପାଦକ, ସବୁ ବ୍ଲକର ବିଡିଓ, ତହସିଲଦାର ଆଦିଙ୍କୁ ନେଇ ନିୟମିତ ସମୀକ୍ଷା କରୁଥିବା ସୂଚନା ମିଳିଛି।

## ଚାଷୀଙ୍କର ଧାନ ଉଠେଇବାର ବିଳମ୍ବ ହେଉଛି: ଜିଲ୍ଲା ମିଲ ମାଲିକ ସଂଘ

ନବରଙ୍ଗପୁର: ଚାଷୀମାନଙ୍କୁ ବାସ୍ତବିକ ସମସ୍ୟା ବିଷୟରେ ଅବଗତ ନକରେଇ କିଛି ବ୍ୟକ୍ତି ନିଜ ରାଜନୀତି ଚମକେଇବାର ପ୍ରୟାସ କରି ପ୍ରଶାସନକୁ ଚାପ ପକେଇ ଆମକୁ ଧାନ ଉଠେଇବାକୁ ବାଧ କରା ନଯାଉ ବୋଲି ନବରଙ୍ଗପୁର ଜିଲ୍ଲା ରାଇସ ମିଲ୍ ମାଲିକ ସଂଘ ପକ୍ଷରୁ ସଭାପତି କାହ୍ନୁ ଦାସ ଜିଲ୍ଲାଯୋଗାଣ ଅଧିକାରୀଙ୍କୁ ୭ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି।ସାରା ଓଡ଼ିଶାରେ ମିଲ୍ ମାଲିକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଯାହାକୁ ନେଇ ବିଗତ ଦିନରେ ମିଲ୍ ମାଲିକ ସଂଘ ରାଜ୍ୟ ବ୍ୟାପି ଆନ୍ଦୋଳନ କରିଥିଲା। ଆନ୍ଦୋଳନର ଫଳାଫଳ ନୈରାଶ୍ୟ ଜନକ ରହିଥିଲା। ଚାଷୀ ମାନଙ୍କ ଅସୁବିଧାକୁ ଦେଖି ଆମେ, ସରକାରଙ୍କ କିଛି ଦିନର ସମୟ ଦେଇ ଧାନ ଉଠେଇବାକୁ ନିଷ୍ପତ୍ତି ନେଇ ମଣ୍ଡିରୁ ଧାନ ଉଠେଇବାକୁ ଚେଷ୍ଟା କରୁଛୁ। ଏହି ସମୟରେ ଚାପ ସୃଷ୍ଟି ଠିକ ନୁହେଁ ବୋଲି ସ୍ମାରକପତ୍ର ଉଲ୍ଲେଖ ରହିଛି। ଏହା ସହ ମିଲ୍ ମାଲିକ ଗତ ବର୍ଷ ଏମିତି ପ୍ରଶାସନର



ଚାପରେ ଓ ଚାଷୀଙ୍କୁ ସୁବିଧା ପହଞ୍ଚାଇବାକୁ ଯାଇ ଯେଉଁ ଧାନ ଉଠେଇଥିଲୁ ତାହା ଶତ ପ୍ରତିଶତ ଏଫଏକ୍ୟୁ ମାନର ନଥିଲା। ଯାହା ଦ୍ୱାରା ଆମେ ଚାଉଳ ଏଫସିଆଇକୁ ପ୍ରଦାନ କରିବା ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛୁ। ଶତପ୍ରତିଶତ ଚାଉଳ ଦେଇ ନ ପାରିବାରୁ ଆନେକ ମିଲ୍ ଧାନ ଉଠାଇବାକୁ ଚୁକ୍ତି କରିନାହାନ୍ତି। ଫଳରେ ଧାନ ଉଠିବା ଅଳ୍ପ କିଛି ସମୟ ପାଇଁ ବିଳମ୍ବ ହେଉଛି। ପୁରୁଣା ଚାଉଳ ଯାଇନଥିବା ଯୋଗୁଁ, ପୁରୁଣା ଧାନ ଓ ମିଲିଙ୍ଗ ହୋଇଥିବା ଚାଉଳ ଗୋଦାମରେ ଗଛିତ ଅଛି। ନୂଆ ଧାନ ବର୍ତ୍ତମାନ୍ କାହାର ଚାପରେ ନେଇଗଲେ, ପୁରୁଣା ଧାନ ମିଲ୍ ଗୋଦାମରେ ପଛରେ ରହିଯିବ। ଯାହାକି ବାହାରିଲା ବେଳକୁ ଆସନ୍ତା ବର୍ଷରେ ତାହା ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବ। ଭିଟିଏସ (ଭେହିକିଲ ଟ୍ରାକିଂ ସିଷ୍ଟମ) ମାଧ୍ୟମରେ ଧାନ ଉଠାଯାଉଛି। ଆମ ଅଞ୍ଚଳର ଅଧିକାଂଶ ଗାଡିର ଗାଡ଼ିର କାଗଜ ପତ୍ର ଠିକ୍ ନାହିଁ, ଯଦ୍ୱରା ଆମକୁ ପର୍ଯ୍ୟାପ୍ତ ଗାଡ଼ି ମିଳୁନଥିବା ଯୋଗୁଁ ସମସ୍ତ ଚାଷୀଙ୍କର ଧାନ ଉଠେଇବାର ବିଳମ୍ବ ହେଉଛି। ଚଳିତ ବର୍ଷ କିଛି ବେପାରୀ ଚାଷୀଙ୍କ ନାମରେ ବିଭିନ୍ନ ମିଶ୍ରିତ(ପୋଲ ଭର୍ତ୍ତି) ଧାନ ମଣ୍ଡିରେ ରଖିଛନ୍ତି। ଯାହର ମାନ ଅତ୍ୟନ୍ତ ଖରାପ। ଏହାକୁ ଯାଂଚ କଲେ ଏଫଏକ୍ୟୁ ମାନ ଆସୁନି। ପ୍ରକୃତ ଚାଷୀ ଆରମରେ ଧାନ ଆଣି ନେଉଛନ୍ତି। କିଛି ବ୍ୟବସାୟୀ ହିଁ ବିଭ୍ରାଟ ସୃଷ୍ଟି କରୁଛନ୍ତି। ଫଳରେ ଏଭଳି ସ୍ଥଳେ ଭଲ ଚାଷୀଙ୍କ ଭଲ ଧାନ ଉଠେଇବା ମୁସ୍କିଲ ହେବା ସହ ମଣ୍ଡି ଖାଲି କରିବାରେ ଅସୁବିଧା ହେଉଛି। ଟୋକେନ୍ ଲ୍ୟାପସ ଭୟରେ ଧାନ କିଣା ଅବଧି ୧୫ଦିନ ପୂର୍ବରୁ ମଣ୍ଡିରେ ଧାନ ଜମା ହେବାରୁ ମଣ୍ଡିରେ ଧାନ ଜମା ରଖାଯାଉଥିବା ଅଭିଯୋଗ ହେଉଛି ବୋଲି ସଭାପତି ଶ୍ରୀ ଦାଶ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବାଏଁବାଏଁ ଉଡ଼ାଇଦେଲେ: ବେପାରୀଙ୍କୁ କମ୍ ମୂଲ୍ୟରେ ଧାନ ବିକୁଛନ୍ତି ଚାଷୀ

ଭୁବନେଶ୍ୱର: ସାରା ରାଜ୍ୟରେ ଧାନକିଣାରେ ଅବ୍ୟବସ୍ଥାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ। କେଉଁଠି ମଣ୍ଡି ଖୋଲୁନି ତ କେଉଁଠି ଚାଷୀ ମଣ୍ଡି ଆଗରେ ଧାନ ଗଦାଇ ରଖିଛନ୍ତି। ମଣ୍ଡି ଖୋଲୁ ନଥିବାରୁ ବେପାରୀମାନେ ଗାଁ ଗାଁରେ ପଶି ଧାନ ଉଠାଉଛନ୍ତି। ଏପରି ସ୍ଥିତିକୁ ଦେଖି ଗତ ଡିସେମ୍ବର ୨୪ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଧାନକିଣା ପ୍ରକ୍ରିୟାର ସମୀକ୍ଷା କରିଥିଲେ। ଜାନୁଆରି ୧୦ ସୁଦ୍ଧା ୩୦ଟି ଯାକ ଜିଲ୍ଲାରେ ଧାନକିଣା ଆରମ୍ଭ କରିବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ, ଜାନୁଆରି ୧୦ କଣ୍ଟ ପୂରିଥିଲେ ବି ସବୁ ଜିଲ୍ଲାରେ ଧାନକିଣା ଆରମ୍ଭ ହୋଇପାରିଲାନି କି ମଣ୍ଡି ଖୋଲିଲାନି। ଯୋଗାଣ ବିଭାଗ, ସମବାୟ ବିଭାଗର ଅଧିକାରୀମାନେ ଖୋଲାଖୋଲି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବାଏଁବାଏଁ ଉଡ଼ାଇଦେଲେ। ଯେଉଁଥି ପାଇଁ ଖରିଫ ଋତୁରେ ରାଜ୍ୟ ସରକାର ୭୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଏବେ ସୁଦ୍ଧା ୧୭.୮୫ ଲକ୍ଷ ମେଟ୍ରିକ୍ ଟନ୍ ଧାନକିଣା ହୋଇଛି।



# ରାଜ୍ୟ ଖବର



# ବିଜେଡିରୁ ସନା, ଅରବିନ୍ଦ ନିଲମ୍ବିତ

ଭୁବନେଶ୍ୱର: ଆଭ୍ୟନ୍ତରୀଣ କନ୍ଦଳ ଓ ଅସନ୍ତୋଷରେ ଛନ୍ଦି ହୋଇଥିବା ବିଜେଡିରେ ଆଜି ପୁଣି କମ୍ପନ ସୃଷ୍ଟି ହୋଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏକାଥରେ ଦୁଇଜଣ ବିଧାୟକଙ୍କୁ ଦଳରୁ ନିଲମ୍ବନ କରିଛନ୍ତି। ସେମାନେ ହେଲେ ଚମ୍ପୁଆର ସନାତନ ମହାକୁଡ଼ ଓ ପାଟକୁରାର ଅରବିନ୍ଦ ମହାପାତ୍ର। ବିଜେଡି କ୍ଷମତାଚ୍ୟୁତ ହେଲା ପରେ ପ୍ରଥମ ଥର ପାଇଁ ଏତେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସନାତନ ଲଗାତାର ବିଜେଡି ବିରୋଧରେ ବିଷୋଦଗାର କରୁଥିଲେ। ଏଣୁ ତାଙ୍କ ନିଲମ୍ବନକୁ ସ୍ୱାଭାବିକ କୁହାଯାଉଛି। ହେଲେ ଅରବିନ୍ଦଙ୍କ ନିଲମ୍ବନ ରହସ୍ୟମୟ ହୋଇଯାଇଛି। କେଉଁ କାରଣ ପାଇଁ ତାଙ୍କୁ ନିଲମ୍ବନ କରାଗଲା, ତାହା ସ୍ପଷ୍ଟ ହୋଇପାରୁ ନାହିଁ। ବିତ୍ତଶାଳୀ ବିଧାୟକ ସନାତନ ମହାକୁଡ଼ ଚମ୍ପୁଆରୁ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିଲେ। ୨୦୧୪ରେ ସ୍ୱାଧୀନ ଭାବେ ଜିତିଥିବା ସନାତନ ପରବର୍ତ୍ତୀ ସମୟରେ ବିଜେଡି ସହ ହାତ ମିଳାଇଥିଲେ। ହେଲେ ୨୦୨୪ରେ କ୍ଷମତା ବଦଳି ବିଜେପି ଶାସନକୁ ଆସିଲା। ଏଥିସହିତ ବଦଳିଲା ସନାତନଙ୍କ ସ୍ୱର। ସନାତନ ବାରମ୍ବାର ବିଜେପି ପ୍ରତି ଅନୁକୂଳ ଆଭିମୁଖ୍ୟ ଦେଖାଉଥିଲେ। ବିଜେଡିର ଅଧିକାଂଶ ବୈଠକରେ ସେ ସାମିଲ ହେଉ ନଥିଲେ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଖୋଲାଖୋଲି ପ୍ରଶଂସା କରୁଥିଲେ। ଗତକାଲି ବିଜେଡିକୁ ସେ ସିଧା ସମାଲୋଚନା କରିଥିଲେ। ବିଜେଡି ଶାସନ ସମୟରେ କେନ୍ଦୁଝରକୁ ଅବହେଳା କରାଯାଇଥିଲା ବୋଲି ଅଭିଯୋଗ ଲଗାଇଥିଲେ। ଆଜି ଦଳ ତାଙ୍କୁ ଦୂରେଇ ଦେଇଛି।



ହେଲେ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନ ସମସ୍ତଙ୍କୁ ଚକିତ କରିଛି। ଅରବିନ୍ଦଙ୍କର ଦଳବିରୋଧୀ କାମ କେବେ ଖୋଲାଖୋଲି ପଦାକୁ ଆସିନି। ନବୀନଙ୍କ ପାରମ୍ପରିକ ଶତ୍ରୁ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦଙ୍କୁ ନିର୍ବାଚନର କିଛି ଦିନ ଆଗରୁ ବିଜେଡିରେ ସାମିଲ କରାଯାଇ ପ୍ରାର୍ଥୀ କରାଯାଇଥିଲା। ବିଜୟ ତାଙ୍କ ନିର୍ବାଚନ ପ୍ରଚାରର ମଙ୍ଗ ଧରିଥିଲେ ଏବଂ ଅରବିନ୍ଦ ଜିତିଥିଲେ। ଦଳ କିମ୍ବା ସଭାପତିଙ୍କ ବିରୋଧରେ ସେ ଗଣମାଧ୍ୟମରେ ଖୋଲା ମନ୍ତବ୍ୟ ଦେଇ ନଥିଲେ। ତାହା ସତ୍ତ୍ୱେ ତାଙ୍କୁ ଅତର୍କିତ ନିଲମ୍ବନ କରାଯାଇଛି। ନିଜେ ଅରବିନ୍ଦ ଏହାକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି, ମୁଁ ନିଲମ୍ବନ ସମ୍ପର୍କରେ ଗଣମାଧ୍ୟମରୁ ଜାଣିଲି। ଦଳର କୌଣସି ନେତା ମୋ ସହ କଥା ହୋଇନାହାନ୍ତି। କାହିଁକି ନିଲମ୍ବନ କରାଗଲା, ମୁଁ ଜାଣି ନାହିଁ। ଦଳକୁ ଅସୁବିଧାରେ ପକାଇଲା ପରି କାମ ମୁଁ କରି ନାହିଁ।

ଆଜି ନିଲମ୍ବନ ଆଦେଶ ଗଣମାଧ୍ୟମକୁ ଦିଆଯିବା ସମୟରେ ନବୀନ ନିବାସରେ ୧୦ ଜଣ ବିଧାୟକ ଉପସ୍ଥିତ ଥିଲେ। ଗତ ତିନି ଦିନ ହେଲା ୧୦ ଜଣ ଲେଖାଏଁ ବିଧାୟକଙ୍କୁ ପାଳି କରି ଡକାଯାଉଛି। ସେହି କ୍ରମରେ ଆଜି ମଧ୍ୟ ବିଧାୟକଙ୍କୁ ଡକାଯାଇଥିଲା। ସେମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାର ଦୁଇ ବିଧାୟକ ଉପସ୍ଥିତ ଥିଲେ। ଜଣେ ବିଧାୟକ ଏହି ନିଷ୍ପତ୍ତିକୁ ନବୀନଙ୍କ ସାମନାରେ ନାପସନ୍ଦ କରିଥିଲେ। ତେବେ ନିଷ୍ପତ୍ତି ଯଥାର୍ଥ ବୋଲି ନବୀନ କହିଥିଲେ। ଯେଉଁମାନେ ନବୀନ ନିବାସରୁ ବାହାରିଲେ ସେମାନଙ୍କ ପ୍ରତିକ୍ରିୟା ଜାଣିବାକୁ ଗଣମାଧ୍ୟମ ପ୍ରତିନିଧି ଭିଡ଼ ଜମାଇଥିଲେ। ରୋଚକ ବିଷୟ ହେଲା, ସମସ୍ତଙ୍କ ଭାଷା ସମାନ ଥିଲା। ପ୍ରତିକ୍ରିୟା ହେଲା, ‘‘ଦଳ ବିରୋଧରେ ଯିଏ ଯିବ, ତା’ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ‘ଦୁର୍ନୀତିଗ୍ରସ୍ତ ବିଶ୍ୱାସଘାତକ’ଙ୍କୁ ଦଳରେ ସ୍ଥାନ ନାହିଁ। ସଭାପତି ଗୁଇନ୍ଦା ରିପୋର୍ଟ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।’’ ପରବର୍ତ୍ତୀ ସମୟରେ ଦଳ ପକ୍ଷରୁ ଜାରି ପ୍ରେସ୍ ବିବୃତିରେ ବି ସମାନ କଥା କୁହାଯାଇଥିଲା। ଦଳର ସଭାପତି ସବୁପ୍ରକାର ସୂଚନା ପାଇ ଆବଶ୍ୟକ ପ୍ରକ୍ରିୟାରେ ଉଭୟଙ୍କୁ ନିଲମ୍ବନ କରିଛନ୍ତି ବୋଲି ପ୍ରେସ୍ ବିବୃତିରେ କୁହାଯାଇଛି। ଆଜିର କାର୍ଯ୍ୟାନୁଷ୍ଠାନ ପରେ ବିଧାନସଭାରେ ବିଜେଡିର ବିଧାୟକ ସଂଖ୍ୟା ୪୮କୁ ଖସିଆସିଛି। ପୂର୍ବରୁ ନୂଆପଡ଼ାରେ ପରାଜୟ ପରେ ଗୋଟିଏ ଆସନ କମିଥିଲା।

# ରାଜସ୍ୱ ବିଭାଗ, ପ୍ରଦୂଷଣ ବିଭାଗ ଓ ପୋଲିସ ସାଜିଛନ୍ତି ମାଫିଆଙ୍କ ଗୁଆ ଦିଆ ବନ୍ଧୁ

## ଖଣି ମାଲିକ ଗିରଫ କେବେ ସାଧାରଣରେ ଚର୍ଚ୍ଚା

ଢେଙ୍କାନାଳ : ବେଆଇନି ଖଣି କ୍ରସରରେ ଖଣିରେ ଅକାଳରେ ଜୀବନ ଯିବା ଏବେ ଢେଙ୍କାନାଳ ଜିଲ୍ଲାରେ ନୀତି ଦିନିଆ କଥା ହୋଇଗଲାଣି । ଗତ ଛଅ ମାସ ଭିତରେ ଢେଙ୍କାନାଳ ଜିଲ୍ଲାର ନିହଲ ପ୍ରସାଦ ନିଶ୍ଚିତ ପାହାଡ଼, ଘଟିପିରି ଅମାତିପଡା ଭୂଆସୁଣୀ ପାହାଡ଼, ଇନ୍ଦିପୁର ଗୁଣ୍ଡୁରାପଶି, ବଳଦିଆବନ୍ଧ ଭଳି ଅଞ୍ଚଳରେ ପ୍ରାୟ ଦଶ ଜଣରୁ ଅଧିକ କାର୍ଯ୍ୟରତ ଶ୍ରମିକଙ୍କର ଏମିତି ବାରମ୍ବାର ମୃତ୍ୟୁ ହେଉଥିବା ବେଳେ ବର୍ତମାନ ବିସ୍ଫୋରଣରେ ଖଣିରେ କେତେ ସଂଖ୍ୟାରେ ମୃତ୍ୟୁ ହୋଇଛି ବିଭାଗୀୟ ଅଧିକାରୀ ଜିଲ୍ଲା ପ୍ରଶାସନ ପାଖରେ ସଠିକ୍ ସୂଚନା ନଥିବା ଜଣା ପଡ଼ିଛି। ଅତିତରେ ଘଟିଥିବା ଖଣି କ୍ରସରରେ ମୃତ୍ୟୁ ଘଟଣାର ଆଇନି ଶୃଙ୍ଖଳାକୁ ରକ୍ଷା କରୁଥିବା ପୋଲିସ ମାଫିଆଙ୍କ ପାଇଁ ବଳ ଯୋଗାଉଥିବା ବେଳେ ବର୍ତମାନ ର ଖଣିରେ ମୃତ୍ୟୁ ଘଟଣା କେଉଁ ରୂପରେ ରୁପାନ୍ତି କରଣ ହେଉଚି ତାହା ସନ୍ଦେହକୁ ଦ୍ୱିଗୁଣିତ କରିଛି, ସେପଟେ ମାଳମାଳ ଖଣି କ୍ରସରର ମଧ୍ୟସ୍ଥି ସାଜୁଛି ଏପଟେ ଜିଲ୍ଲା ଖଣିଜ ବିଭାଗ ମୁଖ୍ୟ ଅଧିକାରୀ ଯାହା ସପୂର୍ଣ୍ଣ ନିଷ୍କ୍ରିୟ ଥିବା ବେଳେ ଜିଲ୍ଲାରେ କେତଟି କ୍ରସର, କେତେଟି ଲଘୁ ଖଣି ଚାଲୁଛି ତାହାର ହିସାବ ରଖିନି ଏବଂ ଖଣିଜ କୋର୍ କମିଟିରେ ଥିବା ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଚାନ୍ଦା ଖାଇ ଅନ୍ଧ ମୁକ ବଧିର ପାଲଟିଯାଇଛି। ଏପଟେ ଅହରହ ଧୂଳି ଧୂଆଁ ଏବଂ କ୍ରସର ଗୁଣ୍ଡ ପରିବେଶକୁ ବିଷାକ୍ତ କରୁଥିବା ବେଳେ ଉଭୟ ଜଳ ଓ ବାୟୁ ଶବ୍ଦ ପ୍ରଦୂଷଣ ପାଇଁ କିଡୀନି ଜନିତ ସମସ୍ୟା ଚିନ୍ତାର କାରଣ ପାଲଟିଥିବା ବେଳେ ସ୍ୱାଶ ରୋଗରେ ପୀଡିତ ହୋଇ କିଶୋର ବୟସର ଯୁବକ ଯୁବତୀ ମଧ୍ୟ ଅଳ୍ପ ବୟସରେ ମୃତ୍ୟୁ ବରଣ କରୁଛନ୍ତି କିନ୍ତୁ ପ୍ରଦୂଷଣ ବୋର୍ଡ କିଭଳି ପ୍ରଦୂଷଣ ନିମନ୍ତେ ଅନୁମତି ଦେଇଚି ତାହା ପ୍ରଶ୍ନ ସାପେକ୍ଷ। ସୂଚନା ଅନୁସାରେ ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ତଥା ଓଡାପଡା ତହସିଲ ଅନ୍ତର୍ଗତ ଗୋପାଳପୁର ଅଞ୍ଚଳର ଏକ କଳା ମୁଗୁନି ପଥର ବେଆଇନ ଖଣିରେ କାର୍ଯ୍ୟ ସମୟରେ ବିସ୍ଫୋରଣ ଘଟି ୪ ଜଣ ମୃତ୍ୟୁ ବରଣ କରିଥିବା ଖବର ଆସୁଥିବା ବେଳେ ସେଥି ମଧ୍ୟରୁ ୨ ଜଣ ଶ୍ରମିକ ଉଦ୍ଧାର ହୋଇ ଥିବା ଜଣା ପଡିଛି ଓ ଖଣି ମାଲିକ ମାନସ ରାଉତ ବୋଲି ସୂଚନା ମିଳିଛି। ସୂଚନା ଅନୁସାରେ କେତେ ଶ୍ରମିକ କାମ କରୁଥିଲେ କେତେ ମୃତ୍ୟୁ ବରଣ କରିଛନ୍ତି ଶ୍ରମିକ ବ୍ଲକ ଓ ଜିଲ୍ଲା ପ୍ରଶାସନ ପାଖରେ ବର୍ତ୍ତମାନ ସୁଦ୍ଧା ଖବର ନଥିବା ବେଳେ କେତେ ଶ୍ରମିକ ଚାପି ହୋଇ ପଥର ତଳେ ଅଛନ୍ତି ତାହା ଉଦ୍ଧାର କାର୍ଯ୍ୟ ପରେ ସଠିକ୍ ତଥ୍ୟ ପ୍ରଶାସନ ଦେବ ବୋଲି କୁହାଯାଇଥିଲା । ତେବେ ବେଆଇନ ଭାବରେ ମାଳମାଳ ଖଣିରେ ଡିନା ମାଇଟ ସହ ତାର ଖଞ୍ଜା ଯାଇ ବ୍ଲାଷ୍ଟ୍ ହେଉ ଥିବା ବେଳେ ଖଣିଜ ବିଭାଗ ତଥା କୋର୍ କମିଟିରେ ଥିବା ଅଧିକାରୀ ଏଠି ପ୍ରତି ଦୃଷ୍ଟି ଦିଅନ୍ତି ନାହି ଓ ଖଣି ମାଲିକ ସ୍ଥାନୀୟ ରାଜନେତା ସହ ହାତ କରି ବୁଝା ମଣାରେ ମାଳମାଳ ଖଣି କ୍ରସର ଚାଲୁ ଅଛି ବୋଲି ଜନ ସାଧାରଣଙ୍କ ମଧ୍ୟରେ ଚର୍ଚ୍ଚା ଆଲୋଚନା ହେଉଅଛି। ସୂଚନା ଅଧିକାର ଆଇନ ତଥ୍ୟ ରିପୋର୍ଟରେ ଯଦି ଦୁଇ ରୁ ତିନି ଜଣଙ୍କୁ ଡିନା ମାଇଟ ବ୍ଲାଷ୍ଟର ପର୍ମିସନ୍ ମିଳିଛି ତେବେ ମାଳମାଳ ଖଣିରେ କିଭଳି ଡିନା ମାଇଟ ଖଞ୍ଜା ଯାଇ ପଥରକୁ ଖଣ୍ଡଖଣ୍ଡ କରାଯାଉଛି।ଏତେ ବିସ୍ଫୋରକ ଆସୁଚି କେଉଁଠୁ ଏହି ରାକେଟ ପଛରେ କାହାର ହାତ ଅଛି ଓଡ଼ାପଡ଼ା ଓ ହିନ୍ଦୋଳ ବ୍ଲକରେ ଖଣି ମାନଙ୍କୁ ବିସ୍ଫୋରକ ଯାଉଚି କେମିତି ଏହା ପଛରେ କାହାର ହାତ ପ୍ରଶାସନ ପାଖରେ ନା ଅଛି ଖବର ନା ଜାଣି କି ଅଜଣା ପ୍ରଶ୍ନ ଉଠିଛି। ହସ୍ତଗତ ସୂଚନା ଅନୁସାରେ ହିନ୍ଦୋଳ ଓ ଓଡ଼ାପଡ଼ା ବ୍ଲକରେ ଲିଜ ଓ ବେଆଇନ ଖଣି କ୍ରସର୍ ମିଶି ୬ ଶହରୁ ଉର୍ଦ୍ଧ୍ୱ ଚାଲିଥିବା ବେଳେ ବେଆଇନ ଖଣି କଥା ନକହିଲେ ଭଲ ଲିଜ ଖଣି ଓ କ୍ରାସର କୌଣସି ଖଣି ଆଇନ ଓ କ୍ରସର୍ ଆଇନ ନିୟମ ଭିତରେ ଚାଲୁ ନାହିଁ ତାହା ସ୍ଥାନୀୟ ପ୍ରଶାସନ ଜାଣି ମଧ୍ୟ ନିୟମରେ ଚଳାଉ ନାହାନ୍ତି । ମାଳମାଳ ଲିଜ ଓ ବେଆଇନ ଖଣି କ୍ରସରରେ ମାନଙ୍କରେ କେତେ ଶ୍ରମିକ କାମ କରୁଛନ୍ତି ଓ ଇନ୍ସୁରାନସ୍ ପଲିସି ରହିଛି କି ନାହିଁ, କେତେ ଶିଶୁ ଶ୍ରମିକ



କାମ କରୁ ଛନ୍ତି, ସେଫ୍ଟି ବ୍ୟବସ୍ଥା ରହିଛି କି ନାହିଁ ତାହାର କୌଣସି କାର୍ଯ୍ୟ ପ୍ରଶାସନ କରୁନାହିଁ ଓ କୌଣସି ରିପୋର୍ଟ ମଧ୍ୟ ନାହି। ଯେତେ ବେଳେ କୌଣସି ଦୁର୍ଘଟଣା ଘଟେ ନାଟକ କଲା ଭଳି ପ୍ରଶାସନ ତାହାର କାର୍ଯ୍ୟ ନିଜ ନିଜ ଶୈଳୀରେ କରି ଥାଆନ୍ତି। କ୍ରସର ଏବଂ ମୁଗୁନି ପଥର ଖଣିରେ ବିନା ସୁରକ୍ଷା ନିରାପତ୍ତା ବ୍ୟବସ୍ଥାରେ ବିପଦପୂର୍ଣ୍ଣ ଅବସ୍ଥାରେ ଶ୍ରମିକ ମାନେ କାମ କରୁଛନ୍ତି ବିନା ହେଲେମେଟ ବିନା ସୁରକ୍ଷା ବେଲ୍ଟରେ ଗଭୀର ଖାଦାନ ଭିତରେ ପଶି କାମ କରୁଛନ୍ତି କ୍ରସର ଗୁଡିକରେ ବି ସେଇଭଳି କେତେ କୁଶଳୀ କେତେ ଅଣ କୁଶଳୀ ଶ୍ରମିକ ନିୟୋଜିତ ହୋଇଛନ୍ତି ତାହାର ହିସାବ ମଧ୍ୟ ରଖୁନି ପ୍ରଶାସନ। ଅହରହ ବିସ୍ଫୋରଣ ହେଉଛି, ଜନ୍ବସତି ପାଖରେ ବେଆଇନି କ୍ରସର ସ୍ଥାପନ ହେଉଛି, ଧୂଳିଧୂଆଁରେ ପରିବେଶ ବିଶମୟ ପାଲଟୁଛି କ୍ରସର ଗୁଣ୍ଡ ପାଇଁ ସହଜରେ ରାସ୍ତା ଦେଖାଯାଉନି। ଯାହା ଫଳରେ ବିଭିନ୍ୟ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି ତାହା ସ୍ୱତେବି ପ୍ରଦୂଷଣ ବୋର୍ଡର ଦୃଷ୍ଟି ନାହିଁ। ଏଇ ନିକଟରେ ଖୋଦ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ଏବଂ ଏସପି ସମ୍ମିଳନୀରେ ଚୋରା ଲଘୁ ଖଣିଜ କାରବାର ଉପରେ ରୋକ ଲଗାଇବାକୁ ପ୍ରତ୍ୟେକ ଜିଲ୍ଲାପାଳ ଏବଂ ଏସପି ମାନଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଢେଙ୍କାନାଳ ଭଳି ରାଜସ୍ୱ ବହୁଳ ଜିଲ୍ଲାରେ ଏଭଳି ବେଆଇନି ଲଘୁ ଖଣିଜ କାରବାର ବୃଦ୍ଧି ହେବା ଏବଂ ଅକାଳରେ ଶ୍ରମିକଙ୍କର ଏଭଳି ମୃତ୍ୟୁ ହେବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ରାଜନୀତିଜ୍ଞ ଏବଂ ବୁଦ୍ଧିଜୀବୀ ଓ ପରିବେଶ ବିତ ମାନେ ମତ ଦେଇଥିବା ବେଳେ, ଖଣି କ୍ରସରରେ ବାରମ୍ବାର ଶ୍ରମିକ ମୃତ୍ୟୁକୁ ପୋଲିସିର ଅତୀତରେ କେତେବେଳେ ଭିନ୍ନଭିନ୍ନ ରୂପ ଦେବାକୁ ବର୍ତ୍ତମାନ ଖଣିରେ ମୃତ୍ୟୁ ଘଟଣା କେଉଁ ଆଧାରରେ ଯାଉଛି ତାହା ଆଗକୁ ଦେଖିବାକୁ ବାକି ରହିଲା ।







# ମାଲେମାଲ ବାଲି ମାଫିଆ, ପ୍ରଶାସନ ନୀରବ

ଭଦ୍ରକ: ଭଦ୍ରକ ଜିଲ୍ଲାର ବୈତରଣୀ ନଦୀରେ ବାଲି ମାଫିଆ ଏବେ ସକ୍ରିୟ ଅଛନ୍ତି। ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକରେ ବାଲି ଚୋରି ଏକ ନୀତି ଦିନିଆ କଥା ହୋଇଛି। ପ୍ରଶାସନିକ ଅଙ୍କୁଶ ନଥିବାରୁ ମାଫିଆ ମାଲେମାଲ ହିମେଉଛନ୍ତି। କୋଟିକୋଟି ଟଙ୍କାର ବାଲି ଚିରା ଚାଲାଣ ହେଉଛି। ସରକାର ରାଜସ୍ୱ ହରାଉଛନ୍ତି। ନେତା, ପୁଲିସ, ରାଜସ୍ୱ ବିଭାଗର ଅଧିକାରୀ ମାଲେମାଲ ହେଉଛନ୍ତି। ଜିଲ୍ଲାରେ ଥିବା ଲଘୁ ଖଣିଜ ସଂପଦ ଅଫିସ ଜିଲ୍ଲାରେ ନିଷ୍କ୍ରିୟ ହୋଇ ରହିଛି। ପ୍ରକାଶ ଥାଉକି, ଜିଲ୍ଲାର ଭଣ୍ଡାରିପୋଖରୀ ତହସିଲ ଅଞ୍ଚଳରେ ଚୋରା ବାଲି ଉତ୍ତୋଳନ ଓ ପରିବହନ ଦିନକୁ ଦିନ ବ୍ୟାପକ ମାତ୍ରାରେ ବୃଦ୍ଧି ପାଉଛି। ବୈତରଣୀ ନଦୀର ମଣିନାଥପୁର, ମୁଢ଼ାପଦା, ଦାଣ୍ଡକୂଳ, ରଘୁନାଥପୁର, କୁମ୍ଭାରିଆ, ବାଲିପୋଖରୀ, ନେରଡ଼ା, ଝୁଟୁଣା ଆଦି ଅଞ୍ଚଳର ବୈତରଣୀ ନଦୀ ଶଯ୍ୟାରୁ ଦୈନିକ ଶହ ଶହ ଟ୍ରିପ ଚୋରା ବାଲି ଟ୍ରାକ୍ଟର ଓ ହାଇଓ୍ୱାରେ ଚାଲାଣ ହେଉଛି। ସେହିପରି ଧାମନଗର ବ୍ଲକର ହସନାବାଦ, ଅର୍ଜୁନପୁର, ବାଲିପାଟଣା, ଅସ୍ତକ ଅଞ୍ଚଳରେ ପ୍ରତିଦିନ ସହ ସହ ଟ୍ରାକ୍ଟର ବେଆଇନ ଭାବରେ ନଦୀରୁ ବାଲି ଉଠାଉଛନ୍ତି। ଏହି ବାଲିକୁ ବାହାରକୁ ଚାଲାଣ କରାଯାଉଛି। ଏହି ବୁଇ ବ୍ଲକର ଚୋରା ବାଲି ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ କ୍ଷମତାପ୍ରାପ୍ତ ଜିଲ୍ଲା ଲଘୁଖଣିଜ ଅଧିକାରୀ ବାଲିଚୋରଙ୍କ ସହ ସମ୍ପର୍କ ପ୍ରତିଷ୍ଠା କରି ସେମାନଙ୍କୁ ପ୍ରଶାସନିକ ପୃଷ୍ଠପୋଷକତା ରହୁଥିବା ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ଚୋରା ବାଲି ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ କ୍ଷମତାପ୍ରାପ୍ତ ପୁଲିସ ମଧ୍ୟ ଏ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ଭାବେ ବାଲି ମାଫିଆଙ୍କ ସହ ସମ୍ପର୍କ ଯୋଡ଼ି ସେମାନଙ୍କୁ ଅନୁରୂପ ଭାବେ ପୃଷ୍ଠପୋଷକତା କରୁଥିବା ଜଣାଯାଇଛି। ବାଲିଟ୍ରାକ୍ଟରରୁ ପୁଲିସର ଚାନ୍ଦା ଆଦାୟ ଅଡିଓ ଭାଇରାଲ ହେବା ଘଟଣା ଭଦ୍ରକ ଜିଲ୍ଲାରେ ଗତ କିଛି ଦିନ ହେଲା ବେଶ୍ ଚର୍ଚ୍ଚାକୁ ଆସିଥିବା ବାଲି ମାଫିଆଙ୍କୁ ଗିରଫ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ମଞ୍ଜୁରୀରୋଡ ଫାଣ୍ଡି ଅଞ୍ଚଳରେ ଚଳାଚଳ କରୁଥିବା ବେଆଇନ ବାଲି ପରିବହନକାରୀ ଟ୍ରାକ୍ଟରଗୁଡିକଠାରୁ କେତେକ ଅସାଧୁ ପୁଲିସ କର୍ମଚାରୀ ମାସିକିଆ ଚାନ୍ଦା ଧାର୍ଯ୍ୟ କରୁଥି ଅଡିଓ ଭାଇରାଲ ହୋଇଥିଲା। ବହୁ ପୁରୁଣା ପୁଲିସ କର୍ମଚାରୀ ବଦଳି ହୋଇଗଲେଣି। ହେଲେ ବାଲିଗାଡିରୁ ଚାନ୍ଦା ଆଦାୟ ମୋହକୁ ତୁଟାଇପାରୁ ନାହାନ୍ତି କେତେକ ନୂଆ ଓ ପୁରୁଣା ପୁଲିସ କର୍ମଚାରୀ। ବାଟଘାଟରେ ବେଆଇନ ବାଲି ପରିବହନକାରୀ ଟ୍ରାକ୍ଟର ଓ ହାଇଓ୍ୱା ଠାରୁ ଚାନ୍ଦା ନେଇ ଛାଡିଦେବା ଦ୍ୱାରା ଚୋରା ବାଲି ଉତ୍ତୋଳନ ଓ ପରିବହନ ବୃଦ୍ଧି ପଡୁଛି। ସରକାର ରାଜସ୍ୱ ହରାଉଛନ୍ତି। ଅସାଧୁ ଲଘୁଖଣିଜ କର୍ମଚାରୀ ଓ ପୁଲିସ କର୍ମଚାରୀଙ୍କ ପୃଷ୍ଠପୋଷକତା ପାଇ ବାଲି ମାଫିଆମାନେ ଧରାକୁ ସରା ମଣୁନାହାନ୍ତି। ବେଆଇନ ବାଲି ଉତ୍ତୋଳନ ଓ ପରିବହନରୁ ମାଫିଆମାନେ ବିପୁଳ ଅର୍ଥ ରୋଜଗାର କରି ଏବେ ରାଜନୈତିକ କ୍ଷମତା ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସାହସ କରୁଛନ୍ତି। ରାଜନେତାଙ୍କ ସମର୍ଥକ ସାଜି କ୍ଷମତା ଉପଭୋଗ କରୁଥିବାରୁ ସମାଜିକ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଏଭଳି କାର୍ଯ୍ୟ ଗ୍ରହଣୀୟ ନୁହେଁ। ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଥାନା, ମଞ୍ଜୁରୋଡ ଥାନା, ଧାମନଗର ଥାନା ଓ ଧୁସୁରି ଥାନା ଅଞ୍ଚଳ ଦେଇ ରାସ୍ତା ପାହିଲେ ସହ ସହ ବେଆଇନ ବାଲି ଗାଡି ଚୋରା ଚାଲାଣ ହେଉଛି। କେବେ ଏହି ବେଆଇନ ଚୋରା ବାଲି ଚାଲାଣ ବନ୍ଦ ହେବ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ବେଆଇନ ବାଲି ଚୋରି ଉପରେ ରୋକ ନାଲଗା ଗାର ଆଗାମୀ ଦିନରେ ବୈତରଣୀ ନଦୀ କୂଳ ଅସୁରକ୍ଷିତ ହେବା ସହ କୂଳ ବାସୀ ଆତଙ୍କିତ ଅବସ୍ଥାରେ ରହିବେ। ଏହାର ତଦନ୍ତ କରାଯିବା ବେଆଇନ ବାଲି ଚୋରା ଚାଲାଣ ବନ୍ଦ କରାଯାଉ ବୋଲି ଧାମନଗର ବ୍ଲକର ପୂର୍ବତନ ଅଧକ୍ଷ ଅଶୋକ ନାୟକ ଦାବି କରିଛନ୍ତି। ବେଆଇନ ବାଲି ଚୋରି ସମ୍ପର୍କରେ ଯେଉଁ ଅଭିଯୋଗ ହୋଇଛି। ଏହାର ଉପଯୁକ୍ତ ତଦନ୍ତ କରାଯିବ ବୋଲି ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ କହିଛନ୍ତି।

# ସୁବର୍ଣ୍ଣରେଖାରୁ ୧୦୦ କୋଟିର ବାଲି ଚୋରି !

ଜଳେଶ୍ୱର: ସୁବର୍ଣ୍ଣରେଖା ନଦୀରୁ ମନଇଚ୍ଛା ବାଲି ଲୁଟିଛନ୍ତି। ୩ ବର୍ଷରେ ପ୍ରାୟ ୧୦୦ କୋଟି ଟଙ୍କାର ବାଲି ଚୋରାଚାଲାଣ ହୋଇଥିବା ଆକଳନ କରାଯାଉଛି। ଏଭଳି ବାଲି ଲୁଟ୍ ପଛରେ କୌଣସି ମାଫିଆ ନୁହେଁ ବରଂ ଜଣେ ଆର୍ଆଇ (ରାଜସ୍ୱ ନିରୀକ୍ଷକ) ଓ ତାଙ୍କ ପରିବାରବର୍ଗ ସାମିଲ ଥିବା ଅଭିଯୋଗ ହୋଇଛି। ଚୋରା କାରବାର ପଦାରେ ପଡ଼ିବା ପରେ ସଂପୃକ୍ତ ଆର୍ଆଇ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅଞ୍ଚଳରେ। ଜଳେଶ୍ୱର ତହସିଲ ଅଧୀନ ମହମ୍ମଦନଗର ପାଟଣାସ୍ଥିତ ସୁବର୍ଣ୍ଣରେଖା ନଦୀଶଯ୍ୟାରୁ ବେଧଡ଼କ ବାଲି ଲୁଟ୍ ହୋଇଛି। ବାହାନଗା ତହସିଲ୍ ଅଧୀନରେ ଆର୍ଆଇ ଭାବେ କାର୍ଯ୍ୟରତ ମହମ୍ମଦନଗର ପାଟଣା ଗ୍ରାମର ସାଗର ବାସ୍କେ, ତାଙ୍କ ଭାଇ ଚନ୍ଦନ ବାସ୍କେଙ୍କ ସହ ପରିବାରର ଅନ୍ୟ ସଦସ୍ୟମାନେ ମିଶି ସେଠାରୁ ବେଆଇନ ଭାବେ ତଥା ମନଇଚ୍ଛା ବାଲି ଉତ୍ତୋଳନ କରିଛନ୍ତି। ବାଲି ପରିବହନ ପାଇଁ ନଦୀବନ୍ଧକୁ କାଟି ଦେଇଛନ୍ତି। ଯାହାଫଳରେ ସୁବର୍ଣ୍ଣରେଖାର ଗତିପଥ ମଧ୍ୟ ବଦଳିଗଲାଣି। ଏନେଇ ଅଞ୍ଚଳବାସୀ ରାଜସ୍ୱ ବିଭାଗ, ପୁଲିସ ଓ ଖଣି ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଆସିଛନ୍ତି। ହେଲେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନି। ତେବେ ଗତ ୮ ତାରିଖ ଦିନ ଏକ ହାଇଓ୍ୱା ସଂପୃକ୍ତ ଅଞ୍ଚଳରୁ ବାଲି ଚୋରାଚାଲାଣ କରିବା ବେଳେ ସ୍କୁଟିରେ ଯାଉଥିବା ଜଣେ ଶିକ୍ଷକଙ୍କୁ ଧକ୍କା ଦେଇଥିଲା। ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ସାଙ୍ଗରେ ଧରି ବେଆଇନ ବାଲି କାରବାରର କଳା ସାମ୍ରାଜ୍ୟ ଦେଖାଇଥିଲେ। ସେଠାରେ ଶହଶହ ଟ୍ରିପ୍ ବାଲି ମହଜୁଦ ଥିବା ଦେଖି ଅଧିକାରୀମାନେ ତାଜୁବ୍ ହୋଇଯାଇଥିଲେ। ଏନେଇ ଜିଲ୍ଲା ଖଣି ଅଧିକାରୀ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଫଳରେ ଆର୍ଆଇ ସାଗର ବାସ୍କେ. ତାଙ୍କ ଭାଇ ଚନ୍ଦନ ବାସ୍କେଙ୍କ ସହ ପରିବାରର ଅନ୍ୟ ସଦସ୍ୟମାନଙ୍କ ନାମରେ କେସ୍ ନମ୍ବର ୧୬/୧୨ରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି। ମହମ୍ମଦନଗର ପାଟଣାର କିଛି ଲୋକ କହିଛନ୍ତି ଯେ ସାଗର ନିଜ ପଦର ଅପବ୍ୟବହାର କରି ସୁବର୍ଣ୍ଣରେଖା ନଦୀଶଯ୍ୟାରୁ ବାଲି ଚୋରି କରୁଥିଲେ। ଗତ ୩ ବର୍ଷ ମଧ୍ୟରେ ଏଠାରୁ ପ୍ରାୟ ୧୦୦ କୋଟି ଟଙ୍କାର ବେଆଇନ ବାଲି ଚାଲାଣ ହୋଇଛି। ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ତାପସ ବେହେରା କହିଛନ୍ତି, ବାଲି କାରବାର ହେଉଥିବା ସ୍ଥାନକୁ ଯିବା ପାଇଁ ଥିବା ରାସ୍ତା ୩ ଥର କଟାଯାଇଛି। ଅନେକ ବାଲିଗାଡ଼ି ଜବତ ହୋଇଥିବା ବେଳେ ସାଗର ଓ ଚନ୍ଦନଙ୍କ ନାମରେ ଏକାଧିକ ମାମଲା ରହିଛି।

# ଶ୍ରାଦ୍ଧ ବାର୍ଷିକୀରେ: ବୋଉ, ତୁମେ ମୋରସ୍ମୃତିରେ ସ୍ମୃତିରେ

ବୋଉଙ୍କୁ ମୁଁ ବୋଧହୁଏ ତାଙ୍କ ଥିବାବେଳେ ସଂପୂର୍ଣ୍ଣ ଭାବେ ଚିହ୍ନି ପାରିନଥିଲି। ସେ ମୋ ଦୈନନ୍ଦିନ ଜୀବନର ଏତେ ସ୍ୱାଭାବିକ ଅଂଶ ଥିଲେ ଯେ, ତାଙ୍କ ସ୍ନେହକୁ ମୁଁ ଅଭାବ ଭାବେ କେବେ ଅନୁଭବ କରିନଥିଲି। ଆଜି ତାଙ୍କ ଆବର୍ତ୍ତମାନରେ ବୁଝୁଛି—ସେ କେତେ ଗଭୀର ଭାବେ ମୋ ଜୀବନକୁ ଧରି ରଖିଥିଲେ।

ମୋ ଭଲ–ମନ୍ଦ, ଦୁଃଖ ସୁଖ, ପାଠ–ପଢ଼ା—ସବୁକିଛି ସହିତ ସେ ନିଜ ଜୀବନକୁ ଏକାକାର କରିଥିଲେ। ନିଜମନ କଥା କହିବା, ନିଜ ଇଚ୍ଛା ପୂରଣ କରିବା ପାଇଁ ସେ କେବେ ସମୟ ନେଇନଥିଲେ। ସେ ମୋ ପାଇଁ ଥିଲେ—ନିରବ ତ୍ୟାଗ , ନିଶ୍ଚଳ ଶ୍ରଦ୍ଧା , ନିରନ୍ତର ସେବାର ପ୍ରତୀକ।

ସ୍କୁଲରୁ ଫେରି ମୁଁ ଭୋକରେ ' ବୋଉ 'ବୋଲି ଡାକି ଦେଲେ ସେ ଭାତ ବାଢି ଦେଉଥିଲେ । ମୁଁ ଆ ବୋଲି ଚିତ୍କାର କଲେ ତାଙ୍କ ଆଖିରୁ ଲୁହ ବୋହି ଯାଉଥିଲା, ସେ ଦିନ ମୁଁ ତାହାକୁ ସ୍ୱାଭାବିକ ଭାବିଥିଲି; ଆଜି ବୁଝୁଛି—ସେହି ସ୍ୱାଭାବିକତା ମଧ୍ୟରେ ତାଙ୍କ ସମ୍ପୂର୍ଣ୍ଣ ତ୍ୟାଗର ଜୀବନ ଲୁଚିଥିଲା। ମୋ ରାଗ, ଅଭିମାନ, ଅବୁଝାମଣା—ସବୁକୁ ସେ କେବେ ଗଣନା କରିନଥିଲେ; ସ୍ନେହରେ ନିରବ ଭାବେ ସବୁ ଅଳି ଅର୍ଦ୍ଦଳି କୁ ସହିଥିଲେ।

ଆଜି ଯେତେବେଳେ ମୁଁ ପଛକୁ ଫେରି ଦେଖୁଛି, ମନ ଭିତରେ ଗୋଟିଏ ନିରବ ପ୍ରଶ୍ନ ଉଠେ—ମୁଁ କେବେ ତାଙ୍କୁ ଠିକ୍ ଭାବେ କିଛି କହିପାରିଲି ନି ଯାହା ମୋର କହିବାର ଥିଲା, ତାଙ୍କ ସହ କେତେ କେତେ ସମୟ ଥିଲା, କିନ୍ତୁ ଶବ୍ଦ ନଥିଲା ଯାହା ଯାହା କହି ତାଙ୍କ ପ୍ରତି ମୋ ମନରେ ଥିବା ସ୍ନେହ, ଶ୍ରଦ୍ଧା,ଭଲପାଇବାକୁ ବୁଝାଇ ଦେଇ ପାରିଥାନ୍ତି; ଆଜି ଶବ୍ଦ ଅଛି, ଭାବ ମଧ୍ୟ ଅଛି କିନ୍ତୁ ସେ ସମୟ ନାହିଁ।କି ମୋ ବୋଉ ନାହାନ୍ତି।

ଦେହରୁ ବୋଉ ମୋତେ ଛାଡ଼ି ଯାଇଥିଲେ ମଧ୍ୟ, ମୋ ମନ ନିରନ୍ତର ସବୁ ଠାରେ ତାଙ୍କୁ ହିଁ ଖୋଜୁଛି। ସେ କେବେ ବି ଯାଇନାହାନ୍ତି। ଘରର ନିରବତାରେ, ନିସଂଗତାରେ ,ହଠାତ୍ ମନେ ପଡୁଥିବା ଛୋଟ ଛୋଟ ସ୍ମୃତିରେ—ସେ ଆଜି ବି ମୋ ସହିତ ଅଛନ୍ତି।

ବୋଉ ଗାଁରେ ଥିବାବେଳେ ତାଙ୍କ ଫୋନର ସେହି ସରଳ ପ୍ରଶ୍ନଗୁଡ଼ିକ—

"ଗାଁକୁ ଆସିବୁନା ?"

"ଦେହ ଭଲ ଅଛି ତ ?"

ଆଜି ମୋ କାନରେ ଏବେ ବି ଅନୁରଣିତ। ସେହି କଥାମାନ ହିଁ ଥିଲା ତାଙ୍କ ସମ୍ପୂର୍ଣ୍ଣ ଜୀବନର ନିସର୍ତ୍ତ ଭଲପାଇବା।



ସକାଳ ସୂର୍ଯ୍ୟଙ୍କ ପହିଲି କିରଣରେ ମୋର ଆଜି ବି ମନେ ପଡ଼େ ସେହି ସରଳଚାହାଣି, ଯାହା କିଛି ନକହିଲେ ମଧ୍ୟ ମୋତେ ସାରା ଦିନ ପାଇଁ ଶକ୍ତି ଦେଉଥିଲା। ଜୀବନର ପ୍ରତିଟି ପଦକ୍ଷେପରେ ବୋଉ ମୋତେ ଶିଖାଇଥିଲେ—ନିଜ ପାଇଁ ନୁହେଁ, ଅନ୍ୟ ପାଇଁ ବଞ୍ଚିବାର ମୂଲ୍ୟ। ଏବେ ସେହି ଶିକ୍ଷାକୁ ମୁଁ ମୋ ଜୀବନରେ ଧୀରେ ଧୀରେ ବୁଝିପାରୁଛି।

ଆଜି, ବୋଉଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ, ମୋର ଶୋକ ସନ୍ତପ୍ତ ମନରେ,

ଈଶ୍ୱରଙ୍କ ନିକଟରେ ଏତିକି ପ୍ରାର୍ଥନା ବୋଉଙ୍କ ପବିତ୍ର ଆତ୍ମାକୁ ଚିରଶାନ୍ତି ପ୍ରଦାନ କରନ୍ତୁ। ମୋତେ ଏହି ଶକ୍ତି ଦିଅନ୍ତୁ—ତାଙ୍କ ସ୍ନେହକୁ ସ୍ମୃତିରେ ନୁହେଁ, ମୋ ଜୀବନର ଆଚରଣରେ ଜୀବନ୍ତ ରଖିପାରିବି।

ଶତ ଶତ ଶ୍ରଦ୍ଧାଞ୍ଜଳି 'ମୋ ବୋଉ'

# ବାଦାମପାହାଡ଼–କେନ୍ଦୁଝରଗଡ ରେଲ ଲାଇନ: ଜମି ଅଧିଗ୍ରହଣ ସର୍ଭେ ପ୍ରକ୍ରିୟା ଆରମ୍ଭ

ବାରିପଦା: ରେଳବାଇ ଆଇନ ୧୯୮୯ ର ଧାରା ୨୦(ଖ) ଅନୁସାରେ ପ୍ରଦତ୍ତ ଅଧିକାର ଆଧାରରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜମି ସର୍ଭେ ମାପନ/ସୀମା ନିର୍ଦ୍ଧାରଣ ଏବଂ ତଦନ୍ତ କାର୍ଯ୍ୟ କରିବା ପାଇଁ ୧୨.୦୧.୨୦୨୬ ରୁ ୦୨.୦୨.୨୦୨୬ ପର୍ଯ୍ୟନ୍ତ ଏକ କାର୍ଯ୍ୟସୂଚୀ ନିର୍ଦ୍ଧାରିତ କରାଯାଇଛି । ଏହି କାର୍ଯ୍ୟସୂଚୀ ସ୍ୱତନ୍ତ୍ର ରେଳ ପ୍ରକଳ୍ପ "ବାଦାମପାହାଡ଼ –କେନ୍ଦୁଝରଗଡ଼ ୮୨.୦୬ କି.ମି. ( ମୟୂରଭଞ୍ଜ ଅଂଶ ୪୭.୪୬ କି.ମି.) ନୂତନ ବ୍ରଡଗେଜ ଲାଇନ" ସହ ସମ୍ପୃକ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ସନ୍ଦର୍ଭରେ ହେବ। ଏହି ରେଳ ଲାଇନ ପାଇଁ କରଞ୍ଜିଆ ତହସିଲ ଅଧୀନରେ ୬ଟି, ଶୁକୃଳିର ୭ଟି, ଯଶିପୁରର ୧୯ଟି ଏବଂ କୁସୁମୀ ତହସିଲର ୩ଟି ଗ୍ରାମର କିଛି ଅଂଶ ଜମି ଅଧିଗ୍ରହଣର ଅନ୍ତର୍ଭୁକ୍ତ ଥିବାରୁ ଉକ୍ତ ନିର୍ଦ୍ଦେଶ ନାମାରେ କରଞ୍ଜିଆ, ସୁକୃଳି, ଯଶିପୁର ଏବଂ କୁସୁମୀର ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସମ୍ପୃକ୍ତ ତହସିଲ ଅନ୍ତର୍ଗତ ତାଙ୍କର ରେଭେନ୍ୟୁ ସୁପରଭାଇଜର, ରେଭେନ୍ୟୁ ଇନ୍ସପେକ୍ଟର, ଅମିନଙ୍କୁ ନିଯୁକ୍ତ କରି ଉକ୍ତ ଆଇନର ଧାରା ୨୦(ଖ) ଅନୁଯାୟୀ ପ୍ଲଟ ଚିହ୍ନଟ, ମାଲିକାନା ସତ୍ୟାପନ ଏବଂ ସ୍ଥାନୀୟ ସମନ୍ୱୟରେ କାର୍ଯ୍ୟ କରିବେ। ନିଯୁକ୍ତ ରେଭେନ୍ୟୁ କର୍ମଚାରୀମାନେ ଜିଲ୍ଲା ପ୍ରାଯୁକ୍ତିକ ଦଳ, ବନ ବିଭାଗ ଅଧିକାରୀ ଏବଂ ଇଞ୍ଜିନିୟରିଂ କର୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରିବେ । ଗଛ ଗଣନା କରି ପ୍ରକ୍ରିୟା ସମାପ୍ତି ପରେ ଗଠନାତ୍ମକ ମୂଲ୍ୟାୟନ ସମ୍ପର୍କିତ ବିସ୍ତୃତ ରିପୋର୍ଟ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଏକ ଅନନ୍ୟ ଏବଂ ଅପରିହାର୍ଯ୍ୟ ବ୍ୟକ୍ତିତ୍ୱ ଜାନକୀ ବଲ୍ଲଭ ପଟ୍ଟନାୟକ



ଆଧୁନିକ ଓଡ଼ିଶାର ରାଜନୈତିକ ଏବଂ ସାଂସ୍କୃତିକ ଇତିହାସରେ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ଅନନ୍ୟ ଏବଂ ଅପରିହାର୍ଯ୍ୟ ବ୍ୟକ୍ତିତ୍ୱ। ଜଣେ ଦକ୍ଷ ପ୍ରଶାସକ, ଦୂରଦର୍ଶୀ ଜନନାୟକ ଏବଂ ଅଗାଧ ପାଣ୍ଡିତ୍ୟର ଅଧିକାରୀ ଭାବେ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ତାଙ୍କ ଶାସନ କାଳରେ ଓଡ଼ିଶା ଶିଳ୍ପାୟନର ଏକ ନୂତନ ସ୍ୱପ୍ନ ଦେଖିଥିଲା, ଯାହା 'ହଜାରେ ଶିଳ୍ପ ଓ ହଜାରେ ଦିନ'ର ସ୍ଲୋଗାନରେ ପ୍ରତିଫଳିତ ହୋଇଥିଲା। କେବଳ ରାଜନୀତି ନୁହେଁ, ବରଂ ଓଡ଼ିଆ ସାହିତ୍ୟ, ସଂସ୍କୃତ ଭାଷା ଏବଂ ସଂସ୍କୃତିର ସୁରକ୍ଷା ପାଇଁ ତାଙ୍କର ଅବଦାନ ଅତୁଳନୀୟ।

ଜଣେ ସାମ୍ବାଦିକରୁ ମୁଖ୍ୟମନ୍ତ୍ରୀ ଏବଂ ପରେ ରାଜ୍ୟପାଳ ପର୍ଯ୍ୟନ୍ତ ତାଙ୍କର ଦୀର୍ଘ ସଫଳ ଯାତ୍ରା ମଧ୍ୟରେ ସେ ସବୁବେଳେ ଓଡ଼ିଶାର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥିଲେ। ତାଙ୍କର ଅମାୟିକ ବ୍ୟବହାର, ସାଂସ୍କୃତିକ ଚେତନା ଏବଂ ଗଭୀର ବୌଦ୍ଧିକତା ଆଜିର ରାଜନୈତିକ ପରିବେଶରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଓଡ଼ିଶାର କଳା, ଭାସ୍କର୍ଯ୍ୟ ଏବଂ ଭାଷାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସେ ଯେଉଁ ଉଦ୍ୟମ କରିଥିଲେ, ତାହା ତାଙ୍କୁ ସବୁଦିନ ପାଇଁ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ସ୍ମରଣୀୟ ହୋଇ ରହିବେ।

ରାଜନୀତିର ଉତ୍ଥାନ-ପତନ ମଧ୍ୟରେ ବି ଜାନକୀ ବାବୁଙ୍କ ବ୍ୟକ୍ତିତ୍ୱ ସଦା ପ୍ରଜ୍ୱଳିତ ରହିଥିଲା, କାରଣ ସେ କ୍ଷମତା ଅପେକ୍ଷା ଜ୍ଞାନ ଓ ସଂସ୍କାରକୁ ଅଧିକ ଗୁରୁତ୍ୱ ଦେଉଥିଲେ। ତାଙ୍କ ସମୟରେ ଓଡ଼ିଶାର ମନ୍ଦିରମାଳିନୀ ସଂସ୍କୃତିର ପୁନରୁଦ୍ଧାର ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ତାଙ୍କୁ ଜଣେ ପ୍ରକୃତ ଓଡ଼ିଆ ଜାତିପ୍ରେମୀ ଭାବେ ପ୍ରତିପାଦିତ କରେ। ସେ କେବଳ ଭବିଷ୍ୟତ ପାଇଁ ଭିତ୍ତିଭୂମି ସଜାଡ଼ି ନଥିଲେ, ବରଂ ଆଗାମୀ ପିଢ଼ିର ନେତାମାନଙ୍କ ପାଇଁ ଏକ ଶିକ୍ଷଣୀୟ ଆଦର୍ଶ ଛାଡ଼ି ଯାଇଛନ୍ତି। ଆଜିର ଏହି ସମୟରେ ତାଙ୍କର ସେହି ସ୍ମିତହାସ୍ୟ ଭରା ଚେହେରା ଏବଂ ଗମ୍ଭୀର ଚିନ୍ତାଧାରା ଆମକୁ ପୁଣି ଥରେ ଓଡ଼ିଶାର ସ୍ୱାଭିମାନ ଓ ପ୍ରଗତି ପାଇଁ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଉଛି।

**ଓଡ଼ିଶା ଓ ଜାନକୀ ପଟ୍ଟନାୟକ**

ଓଡ଼ିଶାର ଭୂଗୋଳ ଏବଂ ଭବିଷ୍ୟତକୁ ନୂଆ ରୂପ ଦେବାରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଭୂମିକା ଅନନ୍ୟ। ଓଡ଼ିଶା କହିଲେ ସେ କେବଳ ଏକ ମାନଚିତ୍ରକୁ ବୁଝୁ ନଥିଲେ, ବରଂ ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକ ଦୃଢ଼ ସଂକଳ୍ପକୁ ବୁଝୁଥିଲେ। ତାଙ୍କ ଶାସନ କାଳରେ ଓଡ଼ିଶା ଏକ ପାରମ୍ପରିକ କୃଷିଭିତ୍ତିକ ଅର୍ଥନୀତିରୁ ଶିଳ୍ପାୟନ ଆଡ଼କୁ ଗତି କରିଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଭିତ୍ତିଭୂମିର ବିକାଶଠାରୁ ଆରମ୍ଭ କରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସେ ଯେଉଁ ସଂସ୍କାର ଆଣିଥିଲେ, ତାହା ଆଧୁନିକ ଓଡ଼ିଶାର ମୂଳଦୁଆକୁ ଅଧିକ ଶକ୍ତିଶାଳୀ କରିଥିଲା।

ଜାନକୀ ବାବୁଙ୍କ ଓଡ଼ିଶା ପ୍ରେମ କେବଳ ରାଜନୈତିକ ବକ୍ତବ୍ୟ ମଧ୍ୟରେ ସୀମିତ ନଥିଲା। ସେ ଓଡ଼ିଶାର କଳା, ସାହିତ୍ୟ ଏବଂ ଜଗନ୍ନାଥ ସଂସ୍କୃତିକୁ ରାଜ୍ୟର ପ୍ରକୃତ ପରିଚୟ ଭାବେ ଗ୍ରହଣ କରିଥିଲେ। ତାଙ୍କ ସମୟରେ ପୁରୀ, କୋଣାର୍କ ଓ ଭୁବନେଶ୍ୱରର 'ସାଂସ୍କୃତିକ ତ୍ରିଭୁଜ'କୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ସେ ଯେଉଁ ପ୍ରୟାସ କରିଥିଲେ, ତାହା ଅବିସ୍ମରଣୀୟ। ଶିଳ୍ପ ଓ ସଂସ୍କୃତିର ଏକ ଅପୂର୍ବ ସମନ୍ୱୟ ତାଙ୍କ କାର୍ଯ୍ୟଶୈଳୀରେ ପ୍ରତିଫଳିତ ହେଉଥିଲା। ସେ ଏପରି ଏକ ଓଡ଼ିଶା ଚାହୁଁଥିଲେ, ଯାହା ଆଧୁନିକତାରେ ଅଗ୍ରଣୀ ରହିବା ସହ ନିଜର ପରମ୍ପରାକୁ ମଧ୍ୟ ଅକ୍ଷୁଣ୍ଣ ରଖିବ।

ଆଜିର ଓଡ଼ିଶା ଯେତେବେଳେ ପ୍ରଗତିର ପଥରେ ଦ୍ରୁତ ଗତିରେ ଆଗେଇ ଚାଲିଛି, ସେତେବେଳେ ଜାନକୀ ବାବୁଙ୍କ ଭଳି ଜଣେ ଦୂରଦର୍ଶୀ ମଙ୍ଗୁଆଳଙ୍କ କଥା ସ୍ୱତଃ ମନେ ପଡ଼େ। ସେ ଥିଲେ ଏକାଧାରରେ ଜଣେ ପ୍ରାଜ୍ଞ ପଣ୍ଡିତ, ଦକ୍ଷ ଶାସକ ଏବଂ ଓଡ଼ିଆ ମାଟିର ପ୍ରକୃତ ସନ୍ତାନ। ଓଡ଼ିଶାର ବିକାଶ ଧାରାରେ ତାଙ୍କର ପ୍ରତ୍ୟେକଟି ସ୍ୱପ୍ନ ଓ ଯୋଜନା ଆଜି ବି ଆମକୁ ପ୍ରେରଣା ଦେଉଛି। ଜାନକୀ ପଟ୍ଟନାୟକ ଏବଂ ଓଡ଼ିଶାର ଭାଗ୍ୟରେଖା ଏପରି ଭାବେ ଜଡ଼ିତ, ଯାହାକୁ ଇତିହାସ କେବେବି ଅଣଦେଖା କରିପାରିବ ନାହିଁ।

**ଓଡ଼ିଶା କଂଗ୍ରେସ ଓ ଜାନକୀ ବଲ୍ଲଭ ପଟ୍ଟନାୟକ**

ଓଡ଼ିଶା ରାଜନୀତିର ଦୀର୍ଘ ଇତିହାସରେ କଂଗ୍ରେସ ଦଳ ଏବଂ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମ୍ପର୍କ କେବଳ ଶାସନ ଓ କ୍ଷମତାର ସମୀକରଣ ନଥିଲା, ବରଂ ଏହା ଥିଲା ଏକ ସ୍ୱର୍ଣ୍ଣିମ ଯୁଗର ପରିଭାଷା। ଜାନକୀ ବାବୁ କେବଳ ଜଣେ ମୁଖ୍ୟମନ୍ତ୍ରୀ ନଥିଲେ, ସେ ଥିଲେ ଓଡ଼ିଶା କଂଗ୍ରେସର ମସ୍ତିଷ୍କ ଓ ସଂଗଠନର ମେରୁଦଣ୍ଡ। ତାଙ୍କରି ଦକ୍ଷ ନେତୃତ୍ୱରେ ଦଳ ରାଜ୍ୟରେ ଏକ ଅପ୍ରତିଦ୍ୱନ୍ଦ୍ୱୀ ଶକ୍ତି ଭାବେ ଉଭା ହୋଇଥିଲା। ୮୦ ଦଶକରେ ଯେତେବେଳେ ଜାତୀୟ ରାଜନୀତିରେ ବଡ଼ ଧରଣର ପରିବର୍ତ୍ତନ ଘଟୁଥିଲା, ସେତେବେଳେ ଜାନକୀ ବାବୁ ଓଡ଼ିଶାରେ କଂଗ୍ରେସକୁ ଏପରି ଏକ ସୁଦୃଢ଼ ଭିତ୍ତିଭୂମି ପ୍ରଦାନ କରିଥିଲେ, ଯାହା ତୃଣମୂଳ ସ୍ତରରୁ ଦଳକୁ ଶକ୍ତିଶାଳୀ କରିବା ସହ ବିକାଶର ଏକ ନୂଆ ମଡେଲ ଉପସ୍ଥାପିତ କରିଥିଲା।

ଜାନକୀ ବାବୁଙ୍କ ଶାସନ କାଳରେ ଓଡ଼ିଶା କଂଗ୍ରେସ 'ପ୍ରଗତିଶୀଳ ରାଜନୀତି'ର ଏକ ନୂତନ ଅଧ୍ୟାୟ ଆରମ୍ଭ କରିଥିଲା। ତାଙ୍କର ପ୍ରସିଦ୍ଧ ନାରା 'ହଜାରେ ଶିଳ୍ପ ଓ ହଜାରେ ଦିନ' କେବଳ ଏକ ରାଜନୈତିକ ସ୍ଲୋଗାନ ନଥିଲା, ବରଂ ଏହା ଥିଲା ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ଦଳର ଏକ ବଡ଼ ସଂକଳ୍ପ। ସେ କଂଗ୍ରେସ ଦଳକୁ କେବଳ ଭୋଟ ରାଜନୀତି ମଧ୍ୟରେ ସୀମିତ ନ ରଖି ସାହିତ୍ୟ, ସଂସ୍କୃତି ଏବଂ ବୌଦ୍ଧିକ ଚେତନା ସହ ଯୋଡ଼ିପାରିଥିଲେ। ଜଣେ ସଂସ୍କୃତ ପଣ୍ଡିତ ଓ ସାମ୍ବାଦିକ ଭାବେ ତାଙ୍କର ଯେଉଁ ବ୍ୟକ୍ତିତ୍ୱ ଥିଲା, ତାହା କଂଗ୍ରେସର ଭାବମୂର୍ତ୍ତିକୁ ଏକ ଶାଳୀନ ଓ ଜ୍ଞାନୀ ସମାଜର ପ୍ରତିନିଧି ଭାବେ ଗଢ଼ି ତୋଳିଥିଲା। ବିଭିନ୍ନ ଗୋଷ୍ଠୀ କନ୍ଦଳ ମଧ୍ୟରେ ବି ଦଳକୁ ଏକଜୁଟ କରି ରଖିବାର ଅସାଧାରଣ କ୍ଷମତା ତାଙ୍କୁ ଜଣେ ପ୍ରକୃତ 'ରାଜନୈତିକ ବିନ୍ଧାଣି' ଭାବେ ପରିଚିତ କରାଇଥିଲା।

ଆଜିର ବଦଳୁଥିବା ସମୟରେ, ଯେତେବେଳେ ଓଡ଼ିଶା କଂଗ୍ରେସ ନିଜର ପୁରୁଣା ଦୃଢ଼ତା ଖୋଜୁଛି, ସେତେବେଳେ ଜାନକୀ ବାବୁଙ୍କ ସାଂଗଠନିକ ଦକ୍ଷତା ଏବଂ ଦୂରଦୃଷ୍ଟିର ଅଭାବ ସ୍ପଷ୍ଟ ଅନୁଭୂତ ହେଉଛି। ସେ ଦଳରେ ଏପରି ଏକ ନେତୃତ୍ୱ ଶୃଙ୍ଖଳା ତିଆରି କରିଥିଲେ, ଯେଉଁଠି ପ୍ରତିଟି କର୍ମୀ ନିଜକୁ ଗର୍ବିତ ମନେ କରୁଥିଲେ। ତାଙ୍କର ଅମାୟିକ ହସ ଓ ସମସ୍ତଙ୍କୁ ଆପଣେଇ ନେବାର ଶୈଳୀ କଂଗ୍ରେସ ପାଇଁ ଏକ ବଡ଼ ପୁଞ୍ଜି ଥିଲା। ଜାନକୀ ପଟ୍ଟନାୟକଙ୍କ ବିନା ଓଡ଼ିଆ କଂଗ୍ରେସର ଇତିହାସ କେବେବି ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ସେ ଥିଲେ ଏପରି ଜଣେ ନାୟକ, ଯିଏ ଦଳକୁ କ୍ଷମତାର ଶୀର୍ଷରେ ପହଞ୍ଚାଇବା ସହ ଓଡ଼ିଶାର ଅସ୍ମିତାକୁ ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ।

**କମ୍ପାନୀ ପାଇଁ ନିଦାବିଷ୍ଣୁ ସାଜିଛନ୍ତି ପ୍ରଶାସନ**

# ଜିନ୍ଦଲ କମ୍ପାନୀ ଲୋକଙ୍କୁ କରୁଛି ଦହଗଞ୍ଜ



## ଗୋରୁ ଗାଈ ମାନେ ବିଷାକ୍ତ ପାଣି ସେବନ କରି ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ

ତାଳଚେର : ତାଳଚେର ଉପଖଣ୍ଡ କଣିହାଁ ବ୍ଲକରେ ୨୦୧୦ ମସିହାରୁ ଆଜକୁ ଦୀର୍ଘବର୍ଷ ଜିନ୍ଦଲ କମ୍ପାନୀ ଶହଶହ କୋଟିକୋଟି ଟଙ୍କା କମାଇ ସେଠାକାର ଅଂଚଳବାସୀ ସମେତ ରାସ୍ତାରେ ଯାଉଥିବା ପଥଚାରୀ ମାନଙ୍କୁ ନିଜ ସ୍ୱାର୍ଥକୁ ଆଖି ଆଗରେ ରଖି ଲୋକଙ୍କୁ ମରଣ ମୁହଁକୁ ଠେଲି ଦେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ସ୍ଥାନୀୟ ନେତୃମଣ୍ଡଳୀ ପ୍ରଶାସନ କାହିଁକି ଯେ ଉକ୍ତ କମ୍ପାନୀ ପାଇଁ ନିଦାବିଷ୍ଣୁ ସାଜିଛନ୍ତି ଏହାକୁ ନେଇ ଚର୍ଚ୍ଚା ହେଉଛି । ଉକ୍ତ କମ୍ପାନୀ ଜାତୀୟ ରାଜପଥରେ ଦୈନିକ ଅହରହ କୋଇଲା, ପାଇଁଶ ଇତ୍ୟାଦି ନେଉଥିବାରୁ ଜାତୀୟ ରାଜପଥଟି ମରଣଯନ୍ତା ହେଉଥିବା ସହ ସେହି ଟ୍ରକ ଗୁଡ଼ିକରୁ ନିର୍ଗତ ପାଇଁଶ ରାସ୍ତାରେ ପଡୁଥିବାରୁ ବାଟୋଇ ଦାଣ୍ଡୋଇମାନେ ନାହିଁ ନଥିବା ଦହଗଞ୍ଜ ହେଉଥିବା ଅଭିଯୋଗ ହେଉଛି । ଦୈନିକ ସହସହ ଟ୍ରିପ୍ କୋଇଲା ଉକ୍ତ କମ୍ପାନୀ ପେଡ଼ି ସେଥିରୁ ବିଦ୍ୟୁତ୍ ଉତ୍ପାଦନ କରିଥାଏ। ସେଥିରୁ ନିର୍ଗତ ପାଉଁଶ ଟ୍ରକ ଯୋଗେ ବାହାରକୁ କଣିହାଁ ଏନଟିପିସିରୁ ବାହାରି ଗୋଡ଼ିବନ୍ଧ ତାଳଚେର ସହର ଦେଇ ବିଭିନ୍ନ ସ୍ଥାନକୁ ଯାଇଥାଏ । ଏହି କମ୍ପାନୀ ଆରମ୍ଭ ହେବାଦିନ ଠାରୁ କୋଟିକୋଟି ଟଙ୍କା ରୋଜଗାର କରି ଆସୁଥିଲେ ମଧ୍ୟ ଏହାର ସିଏସ ଆର ପାଣ୍ଠି ଟଙ୍କାଟିଏ ମଧ୍ୟ କେଉଁଠାରେ ବିନିଯୋଗ କରି ବିକାଶ ମୂଳକ କାର୍ଯ୍ୟ କରିଥିବା ସେହିପରି ଦୃଷ୍ଟାନ୍ତ ଆଖିକୁ ଦେଖାଯାଉ ନାହିଁ । ନିୟମ ଅନୁଯାୟୀ କମ୍ପାନୀ ବିସ୍ଥାପିତ ଓ ପ୍ରଭାବିତ ଅଂଚଳବାସୀଙ୍କ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ଆଲୋକୀକରଣ, ବୃକ୍ଷରୋପଣ ଇତ୍ୟାଦି ଆଦୌ କରୁନଥିବା ବେଳେ ଏଠାରେ ଇଂରେଜ ଶାସନ ଚଳାଇ ଆଧିପତ୍ୟ ବିସ୍ତାର କରୁଥିବା ଅଭିଯୋଗ ହେଉଛି । ତେବେ ରାଜ୍ୟ ସରକାର ସାଙ୍ଗେ କମ୍ପାନୀର ଯେଉଁ ଏମ୍ୟୁ ସାଇନ୍ କରାଯାଇଥିଲା ସେଥିରେ କ'ଣ ସିଏସଆର ଅର୍ଥ ଉଲ୍ଲେଖ କରାଯାଇନଥିଲା କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜିନ୍ଦଲର ପାର୍ଶ୍ୱବର୍ତି ଗାଁ ଡ଼େରେଙ୍ଗ, ଟାକୁଆ, କଣିହାଁ, ପଥରମୁଣ୍ଡା, ତେଲିସିଙ୍ଗା, ଭୀମକାଣ୍ଡ ଅଂଚଳ ଗୁଡ଼ିକରେ କମ୍ପନୀ ଚେମିଣିରୁ ନିର୍ଗତ ପାଉଁଶ ଓ ଆସପଣ୍ଡରୁ ପାଉଁଶ ଉଡ଼ି ଲୋକଙ୍କ ଘରଦ୍ୱାରା ସହିତ ଏପରିକି, ଭାତହାଣ୍ଡିରେ ପଡୁଥିବା ଅଂଚଳବାସୀ ଅଭିଯୋଗ କରୁଛନ୍ତି । ସେହି ଅଂଚଳ ଗୁଡ଼ିକରେ ରହିଥିବା କୂଅ,ପୋଖରୀରେ ଏହି ପାଉଁଶ ମିଶୁଥିବାରୁ ଗୋରୁ ଗାଇମାନେ ଏହାକୁ ସେବନକରି ମୃତ୍ୟୁ ମୁଖରେ ପଡୁଥିବା ବେଳେ ଲୋକଙ୍କ ନିତ୍ୟ ବ୍ୟବହାର୍ଯ୍ୟ କଥା ପଚାରେ କିଏ ଓ ଏହି ପାଉଁଶ ଉଡ଼ିବା ଯୋଗୁଁ ସେଠିକାର ଚାଷ ପୂରା ଉଜୁଡ଼ି ଯାଇଥିବା ଚାଷୀମାନେ ଏହା ଅଭିଯୋଗ କରିଛନ୍ତି । ଏହି ପାଉଁଶ ଗୁଣ୍ଡ ଲୋକଙ୍କ ପାଟି, ଆଖି, କାନ, ନାକରେ ପଶି ବିଭିନ୍ନ ମାରାତ୍ମକ ରୋଗ ହେବା ସହିତ ହାର୍ଟ, କ୍ୟାନସର୍ ଭଳି ଦୂରାରୋଗରେ ପୀଡ଼ିତ ହୋଇ କେହି ଆର ପୁରକୁ ଚାଲି ଯାଉଥିବା ବେଳେ ଆଉ କେହି ଜୀବନସହ ସଂଗ୍ରାମ କରୁଥିବା ଓ କମ ବୟସରେ ବାର୍ଦ୍ଧକ୍ୟ ଅବସ୍ଥା ଲୋକଙ୍କୁ ଗ୍ରାସ କରୁଛି । ତେଣୁ ଲୋକଙ୍କ ଜୀବନ ଜୀବିତା ଓ ସ୍ୱାର୍ଥକୁ ଦେଖି ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ସରକାରୀ ସ୍ୱୀକୃତି ଅପେକ୍ଷାରେ ତେଣ୍ଡେଇଶୁଣୀ ପୀଠ

## କେବେ ହେବ ତେଣ୍ଡେଇଶୁଣୀ ପୀଠର ଉନ୍ନତି କରଣ ସହ ସ୍ଥାୟୀ ରାସ୍ତା



କାମାକ୍ଷାନଗର : ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସହର ଠାରୁ ମାତ୍ର ୧୦ କିଲୋମିଟର ଭିତରକୁ ଗଲେ ସମାଟାଙ୍ଗୀ ଗ୍ରାମ। ଗ୍ରାମ ମୁଣ୍ଡରେ ବଣ ପାହାଡ ଘେରା ଘଞ୍ଚ ଜଙ୍ଗଲ ଭିତରେ ରହିଛି ମା ତେଣ୍ଡେଇଶୁଣିଙ୍କ ପୀଠସ୍ଥଳୀ।ମା ତେଣ୍ଡେଇଶୁଣୀଙ୍କ ପିଠସ୍ଥଳୀ ହେଇଥିବାରୁ ତାଙ୍କରି ନାମ ଅନୁଯାୟୀ ଜାଗା ଟିର ନାଁ ଲୋକମାନେ ତେଣ୍ଡାଖୋଲ ବୋଲି କୁହନ୍ତି। ଗାଁ ଲୋକଙ୍କ ବିଶ୍ୱାସ ଯେ ଏଠି ଅନେକ ବର୍ଷ ପୂର୍ବେ ଜନବସତି ଥିଲା କାରଣ ଏହି ପାହାଡର ପାଦ ଦେଶରେ ଥିବା ଖୋଲିଆ ଜାଗାରେ ବଡ ବଡ ପଥର ଦେହରେ ଖୋପ ଖୋପ ରହିଛି ଯେଉଁ ଗୋଳା ବାରୁଦ ବନାଯାଉଥିଲା ।ରାଜା ରାଜୁଡ଼ା ସମୟରେ ପାହାଡର ଶୀର୍ଷରୁ ଗାଁ ଲୋକ ଏକ ପିତଳ ଧନୁ ପାଇ ତାକୁ ଢ଼େଙ୍କାନାଳ ମିୟୁଜିୟମକୁ ଦେଇଥିଲେ। ସେତେବେଳେ ମା ଙ୍କ ପାଖକୁ ଯିବା ପାଇଁ ଭଲ ରାସ୍ତା ନଥିଲା। କେବଳ ବର୍ଷରେ ଗୋଟିଏ ଦିନ ମାର୍ଗଶୀର ମାସରେ ଗାଁର ପୁରୁଷମାନେ ଯାଇ ଗୋଟିଏ ଦିନ ରହି ମାଙ୍କ ପୂଜାର୍ଚ୍ଚନା କରି ଫେରୁଥିଲେ। ସେମାନଙ୍କର ବିଶ୍ୱାସ ମାକୁ ଗାଁର ଭଲମନ୍ଦ ଶୁଣେଇ ଆସିଲେ ଗାଁ ବିପଦ ମୁକ୍ତ ହୋଇଥାଏ। ମାଆଙ୍କ ଆସ୍ଥାନ ପାଖକୁ ଯିବାକୁ ରାସ୍ତା ନ ଥିବାରୁ ଘଞ୍ଚ ଜଙ୍ଗଲରେ ଡାଳପତ୍ର ଆଡେଇ ଲୋକମାନେ ମାଆଙ୍କ ପୀଠ ସ୍ଥଳୀକୁ ଯାଉଥିଲେ ।କାହିଁ କେଉଁ କାଳରୁ ପୁରୁଣା କଶି ଗଛ ମୂଳରେ ମା ପୂଜା ପାଇଆସୁଥିଲେ।ଏବେ ପକ୍କା ଘର ଭିତରେ ମାଙ୍କ ଆସ୍ଥାନ। ମାଙ୍କ ଆସ୍ଥାନରୁ କିଛି ବାଟ ଉଠି ଗଲା ପରେ ସ୍ଥାନୀୟ ବାସିନ୍ଦାଙ୍କ ପ୍ରଚେଷ୍ଟାରେ ପାହାଡର ଶୀର୍ଷକୁ କାଟି ସମତଳ କରାଯାଇ ସେଠାରେ ଗୋଟିଏ ଶିବ ମନ୍ଦିର ନିର୍ମାଣ ହେଉଛି। ଯାହା ଅଧା ଗଡା ହୋଇ ଏବେ ବି ପଡି ରହିଛି। ତିନିଶହ ମିଟର ସଂକୀର୍ଣ୍ଣ ରାସ୍ତା ଦେଇ ଉପରକୁ ଗଲେ ଗୋଟିଏ ଅଜଣା ଗଛଟିଏ ଦେଖିବାକୁ ମିଳେ । ଗଛର ମୂଳରୁ ବୁନ୍ଦା ବୁନ୍ଦା ହୋଇ ଥପ୍ ଥପ୍ ପାଣି ଝରି,ସେହି ଝରଟି ଯାଇଛି ମା ତେଣେଇଶୁଣୀଙ୍କ ଆସ୍ଥାନ ପାଖକୁ । ବନ ବିଭାଗ ଅଧିକାରୀ କୁହନ୍ତି ଏମିତି ଗଛଟିଏ ଆମ ଓଡିଶାରେ ପ୍ରାୟ ନାହିଁ । ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ଖରା ବର୍ଷା ଶୀତ ଦିନରେ ବି ଏ ଗଛ ମୂଳରୁ ଥପ୍ ଥପ୍ ବର୍ଷା ପରି ପରିଷ୍କାର ପାଣି ଝରେ। ଏଠାରେ ମୁଖ୍ୟତଃ ମାଙ୍କର କାର୍ତ୍ତିକ ପୂର୍ଣ୍ଣିମା,ଜାଗର,ପଣାସଂକ୍ରାନ୍ତି, ମକର ସଂକ୍ରାନ୍ତିରେ ଏଠି ଯାତ୍ରା ହୁଏ। ଆଖ ପାଖରୁ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ । ଆଶ୍ରମ ଚାରିପଟେ ନାଗ, ଅଜଗର, ଗୋଧି, ନେଉଳ, ହାତୀ, ହରିଣ, ମୟୂର, ଠେକୁଆ, ଝିଙ୍କ ସାଙ୍ଗକୁ ଅନେକ ପ୍ରକାର ପଶୁପକ୍ଷୀ ଦେଖା ଦିଅନ୍ତି । ଲୋକେ କୁହନ୍ତି ମା'ଙ୍କ କରୁଣାରୁ ଏମାନେ ଆଶ୍ରମର ଶୋଭା ବଢାନ୍ତି ସିନା ହେଲେ ଆଜି ଯାଏ କାହାର କୌଣସି କ୍ଷତି କରି ନାହାନ୍ତି । ଗାଁ ଲୋକଙ୍କ ଚେଷ୍ଟାରେ ମାଙ୍କ ଆସ୍ଥାନ ଚାରିପଟେ ଆମ୍ବ, କଦଳୀ, ଅଶୋକ, ଅର୍ଜୁନ, ଚନ୍ଦନ, ରୁଦ୍ରାକ୍ଷ, ତେଜପତ୍ର, ଶିବିଲିଙ୍ଗୀ, କାଞ୍ଚନ ଭଳି ଅନେକ ଦୁର୍ଲ୍ଲଭ ଫୁଲ ଫଳର ଗଛ ଲାଗି ଆଶ୍ରମର ଶୋଭା ବଢିଛି। ଅଞ୍ଚଳ ବାସୀ ଆଶା କେବେ ସରକାରଙ୍କ ଦୃଷ୍ଟି ତେଣ୍ଡାଖୋଲକୁ ପଡିବ। ସରକାରୀ ସ୍ୱୀକୃତି ତେଣ୍ଡାଖୋଲ ଜାଗାଟି ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇବ ।

# ଘୋଟାଲାର ନମୁନା ପବିତ୍ର କଣ୍ଟିଲୋର ଚାପ ପୋଖରୀ



କଣ୍ଟିଲୋ :(ନିପ୍ର)ଶ୍ରୀ ଜଗନ୍ନାଥ ସଂସ୍କୃତିର ଆଦି ପୀଠ ତଥା ପ୍ରମୁଖ ପର୍ଯ୍ୟଟନ ସ୍ଥଳ ପ୍ରଭୁ ଶ୍ରୀନୀଳମାଧବ ଜୀଉ କଣ୍ଟିଲୋ ପୀଠର ଉନ୍ନତି ଓ ବିକାଶ ପାଇଁ, ଓବିସିସି ଓ ବଂଶଲ ଠିକା ସଂସ୍ଥା ମାଧ୍ୟମରେ ଯେତେ ଗୁଡ଼ିଏ ବିକାଶ କାର୍ଯ୍ୟ ଥିଲା ତାହା ଶେଷ କରି ଇତି ମଧ୍ୟରେ ଚାଲି ଯାଇଛନ୍ତି। ମାତ୍ର ସେସବୁ କାର୍ଯ୍ୟ ଗୁଡ଼ିକ ନିମ୍ନ ମାନର ବୋଲି ବହୁବାର ଖବରକାଗଜ ମାନଙ୍କରେ ପ୍ରସାରିତ ହୋଇଥିଲା। କିନ୍ତୁ ସେ ସମୟରେ ପ୍ରଶାସନିକ ସ୍ତରରେ କୌଣସି ଗୁରୁତ୍ୱ ଦିଆ ଯାଇନଥିଲା କି ଆଜି ସୁଦ୍ଧା ମଧ୍ୟ ଦିଆ ଯାଇନାହିଁ। ବର୍ତ୍ତମାନ ସେହି ଦୁର୍ନୀତି ଓ ନିମ୍ନ ମାନର କାର୍ଯ୍ୟର ଉଦାହରଣ ପାଲଟିଛି ଶ୍ରୀ ଜିଉଙ୍କ ପବିତ୍ର ଚନ୍ଦନ ପୋଖରୀ। ସୂଚନାରୁ ପ୍ରକାଶ ଯେ ଶ୍ରୀ ଜିଉଙ୍କ ଏହି ପବିତ୍ର ଚନ୍ଦନ ପୋଖରୀର ନବୀକରଣ କାର୍ଯ୍ୟ ଶେଷ ହେବାର ମାତ୍ର ୮ ମାସ ହୋଇଛି। ଏତିକି ଦିନ ମଧ୍ୟରେ ପୋଖରୀ ପାଣି ଦୃଶ୍ୟମାନ ନହୋଇ ପଦ୍ମ ପତ୍ର ସହିତ ସୋଲଠୁଙ୍ଗା ଦେଖା ଯାଉଛି। ଦ୍ୱିତୀୟତଃ ପୋଖରୀର ଉତ୍ତର ପଶ୍ଚିମ କୋଣ ଏବଂ ଏହାର ପାଖା ପାଖି ସ୍ଥାନରେ ଦେଖିବେ ପୋଖରୀ ହୁଡ଼ାକୁ ଲାଗି ବାସ କରୁଥିବା ଅଧିବାସୀ ମାନଙ୍କ ଘରର ସ୍ନାନ, ଶୌଚ,କଂସା ବାସନ ସଫା,ଅପରିଷ୍କାର ଓ ଦୁର୍ଗନ୍ଧ ନର୍ଦ୍ଦମା ପାଣି ପାଇପ ମାଧ୍ୟମରେ ଆସି ପବିତ୍ର ପୋଖରୀ ପାଣିରେ ମିଶୁଛି। ବିକାଶ ପ୍ରକଳ୍ପ କାର୍ଯ୍ୟ ଚାଲିଥିଲା ବେଳେ ଓବିସିସି ଓ ବଂଶଲ ଠିକା ସଂସ୍ଥାର ଯନ୍ତ୍ରୀମାନେ ନିଜର ସ୍ୱାର୍ଥ ପାଇଁ କିଛି କିଛି ଅର୍ଥ ସଂଗ୍ରହ କରି ଏହା କରିଥିବା ଅଭିଯୋଗ ହେଉଛି। କୁଢ କୁଢ଼ ମଇଳା ଆବର୍ଜନା କପଡ଼ା,ବୋତଲ, ଗ୍ଲାସ,ଜରି, ଘରର ସମସ୍ତ ଅଳିହା ସବୁ ସେହି ଉତ୍ତର ପଶ୍ଚିମ କୋଣରେ ଫୋପାଡି ଥିବା ଅଭିଯୋଗ ହେଉଛି। ପୋଖରୀ ହୁଡ଼ାରେ ଲାଗିଥିବା ଷ୍ଟିଲ ବାରିକେଟରେ ଗାଧୋଇ ସାରିବା ପରେ ସେମିତି ମହିଳା, ପୁରୁଷ ଓ ଛୁଆ ମାନଙ୍କର ପାଲଟା ଶାଢ଼ୀ,ପ୍ୟାଣ୍ଟ୍ ସାର୍ଟ, ସୁଖାଉ ଥିବା ଯୋଗୁ ସେ ସବୁର ପାଣି ବୋହି ପବିତ୍ର ପୋଖରୀରେ ମିଶୁଛି।ଏପରିକି ନିଜେ ଖାଉଥିବା ବାସନ କୁସନ୍ ସେହି ପୋଖରୀ ପାଣିରେ ସଫା କରିବା ସହିତ ଶୌଚ ହେଉଥିବା ଶୌଚ ହେଉଥିବା ଅଭିଯୋଗ ହେଉଛି। ଟିକିନିଖି ତନଖି କଲେ ଜାଣି ପାରିବେ ଓବିସିସି ଓ ବଂଶଲ ଠିକା ସଂସ୍ଥାର କାର୍ଯ୍ୟ କେତେଦୂର ଠିକ୍। ବର୍ତ୍ତମାନ ସାଧାରଣ ଜନତା ଏବଂ ବୁଦ୍ଧିଜୀବୀ ମାନଙ୍କ ମନରେ ପ୍ରଶ୍ନ ଉଠୁଛି କେଉଁ ଅନ୍ତର୍ନିହିତ ସ୍ୱାର୍ଥ କିମ୍ବା କାହା ଚାପରେ ଆଜି ସୁଦ୍ଧା ଦେବୋତ୍ତର ପ୍ରଶାସନ ଠାରୁ ଆରମ୍ଭ କରି ବ୍ଲକ,ଜିଲ୍ଲା ପ୍ରଶାସନ ଓ ଡବଲ ଇଞ୍ଜିନ ପ୍ରଶାସନ ଚୁପ୍ ହୋଇ ବସି ରହିଛନ୍ତି । ଯାହା ଫଳରେ ସରକାରଙ୍କ ସ୍ୱଚ୍ଛତା ପ୍ରତି ବୁଦ୍ଧିଜିବୀ ମାନେ ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ବାଧ୍ୟ ହେଉଛନ୍ତି। ତେଣୁ କଣ୍ଟିଲୋ ନୀଳମାଧବ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ପ୍ରତ୍ୟେକ ବିକାଶ ପ୍ରକଳ୍ପ କାର୍ଯ୍ୟ ର ବିଧିବଧ ଭାବେ ତଦନ୍ତ କରାଗଲେ ସତ୍ୟ ଘଟଣାର ପର୍ଦ୍ଦାଫାଶ ହୋଇପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ଟାଟା ଷ୍ଟିଲ୍ କପିଳାସ ହାଫ୍ ମାରାଥନ୍-୨୦୨୬: ବନ୍ୟଜନ୍ତୁ ସୁରକ୍ଷା ପାଇଁ ଦୌଡ଼ିଲେ ୫,୫୦୦ରୁ ଅଧିକ ପ୍ରତିଯୋଗୀ

ଢେଙ୍କାନାଳ : ଟାଟା ଷ୍ଟିଲ୍ ପକ୍ଷରୁ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ଆଥଲେଟିକ୍ ଆସୋସିଏସନ୍ର ମିଳିତ ସହଯୋଗରେ ଶନିବାର ଟାଟା ଷ୍ଟିଲ୍ କପିଳାସ ହାଫ୍ ମାରାଥନ୍ ର ତୃତୀୟ ସଂସ୍କରଣ କପିଳାସ ପାହାଡର ପାଦ ଦେଶରେ ସଫଳତାର ସହ ସମ୍ପନ୍ନ ହୋଇଛି। ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଦୌଡ଼ ଆହ୍ୱାନ ସହ ଆୟୋଜିତ ଏହି ମାରାଥନ୍ରେ ଦେଶର ୧୪ଟି ରାଜ୍ୟରୁ ପ୍ରାୟ ୫,୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ୍କୁ ଧନ୍ୟବାଦ ଜଣାଇ ମନ୍ତ୍ରୀ ଶ୍ରୀପାତ୍ର କହିଥିଲେ ଏହି ମାରାଥନ୍ କେବଳ ଫିଟ୍ନେସ୍ ପାଇଁ ନୁହେଁ ବରଂ ଜୈବ ବିବିଧତା ଏବଂ ବିଶେଷ କରି ହାତୀ ସୁରକ୍ଷା ପାଇଁ ଆମ ସମସ୍ତଙ୍କୁ ଏକଜୁଟ୍ କରିବାକୁ ଏକ ଆହ୍ୱାନ। ଏହି ହାଫ୍ ମାରାଥନ୍ ମାଧ୍ୟମରେ ବନ୍ୟପ୍ରାଣୀ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଏବଂ ଟାଟାଷ୍ଟିଲ୍ ଏହି ପ୍ରୟାସ ପ୍ରଶଂସନୀୟ। ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଏହି ଦୌଡ଼ ଯୁବ ପିଢ଼ିଙ୍କ ମଧ୍ୟରେ ଫିଟ୍ ଇଣ୍ଡିଆ ପାଇଁ ଦାୟିତ୍ୱବୋଧ ଏବଂ ପ୍ରତିବଦ୍ଧତା ସୃଷ୍ଟି କରିବାରେ ସହାୟକ ହେବ। ଆଜିର ଏହି ହାଫ୍ ମାରାଥନ୍ ଏତେ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ଦେଖି ମୁଁ ବହୁତ ଖୁସି। ଏହି କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ଶ୍ରୀ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ଶ୍ରୀମତୀ ସୀମା ରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶ୍ରୀ ଶତ୍ରୁଘ୍ନ ଜେନା, ଅନୁଗୁଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ସାମିଲ ହୋଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଜିଲ୍ଲାପାଳ, (ଆଇଏଏସ୍) ଆଶିଷ ଈଶ୍ୱର ପାଟିଲ, ଢେଙ୍କାନାଳ ଆରକ୍ଷୀ ଅଧୀକ୍ଷକ (ଆଇପିଏସ) ଅଭିନବ ସୋନକାର, ଢେଙ୍କାନାଳ ବନଖଣ୍ଡ ଅଧିକାରୀ (ଆଇ ଏଫ୍ଏସ୍) ସୁମିତ କୁମାର




## ଅମର ଶହୀଦ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

## ପ୍ରଥମ ଥର ପାଇଁ ଭାଗ ନେଲେ ଋଷୀୟ ମହିଳା

କର, ଟାଟାଷ୍ଟିଲ୍ କର୍ପୋରେଟ୍ ସର୍ଭିସେସ୍ ଉପାଧ୍ୟକ୍ଷ ଡି.ବି. ସୁନ୍ଦର ରାମମ୍, ଟାଟା ଷ୍ଟିଲ୍ ମେରାମଣ୍ଡଳୀ ର ଅପରେସନ୍ସ ଉପାଧ୍ୟକ୍ଷ ସୁଧୀର କୁମାର ମେହେଟା ଏବଂ ଟାଟା ଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସେସ୍ ଲିମିଟେଡର ସିଇଓ ସନ୍ଦୀପ ଧୀର ଉପସ୍ଥିତ ଥିଲେ।ଏଥର ଏହି ଦୌଡ଼ରେ ପ୍ରଥମ ଥର ପାଇଁ ସେଣ୍ଟ ପିଟର୍ସବର୍ଗର ଏଲିନା ଟରସୋଭା ନାମକ ଜଣେ ଋଷିୟ ମହିଳା ଭାଗନେଇଥିଲେ। ଟାଟାଷ୍ଟିଲ୍ କର୍ପୋରେଟ୍ ସର୍ଭିସେସ୍ ଉପାଧ୍ୟକ୍ଷ ଡି.ବି. ସୁନ୍ଦର ରାମମ୍ ବିଜେତା ମାନଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ । ବନ୍ୟଜନ୍ତୁ ସୁରକ୍ଷା ପରବର୍ତ୍ତୀ ପିଢ଼ି ପାଇଁ ଆମର ଏକ ଦାୟିତ୍ୱ। ଏହି ମାରାଥନ୍ ଜୈବ ବିବିଧତା ରକ୍ଷା ପାଇଁ ଏକ ସମୂହ ପ୍ରୟାସ। ଏଥିସହ ଭାରତର ସର୍ବକନିଷ୍ଠ ଅମର ଶହୀଦ ବାଜି ରାଉତଙ୍କ ଜନ୍ମ ଶତ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳୀ ପୂର୍ବକ ଆମେ ଦେଶ ପାଇଁ ତାଙ୍କର ସର୍ବୋଚ୍ଚ ବଳି ଦାନକୁ ସ୍ମରଣ କରୁଛୁ। ଏହି ଦୌଡ଼ର ୨୧ କିଲୋମିଟର ପୁରୁଷ ବର୍ଗରେ ପଶ୍ଚିମବଙ୍ଗର ପଞ୍ଚାନନ ବେରା ଏବଂ ମହିଳା ବର୍ଗରେ ହରିୟାଣାର ଭାରତୀ ନୈନ୍ ବିଜେତା ହୋଇ ୧ ଲକ୍ଷ ଲେଖାଏଁ ପୁରସ୍କାର ରାଶିର ଚେକ୍ ଗ୍ରହଣ କରିଛନ୍ତି। ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଉପାଧ୍ୟକ୍ଷ ସୁଧୀର କୁମାର ମେହେଟା କହିଛନ୍ତି ଯେ, କପିଳାସ ହାଫ୍ ମାରାଥନ୍ ଆମକୁ ମନେ ପକାଇ ଦିଏ ଯେ ବନ୍ୟପ୍ରାଣୀ ଏବଂ ପରିବେଶର ସୁରକ୍ଷା ପାଇଁ ସମୂହ ପ୍ରଚେଷ୍ଟା ଜରୁରୀ। ଏହି କାର୍ଯ୍ୟକ୍ରମକୁ ଆନ୍ତର୍ଜାତିକ ମାନର କରିବା ପାଇଁ ଏଥିରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରାଯାଇଥିଲା। ଏଥିରେ ଟାଇମିଂ ମ୍ୟାଟ୍ସ ରେଡିଓ ଫ୍ରିକ୍ୱେନ୍ସି ଚିପ୍ସ, ସ୍ପ୍ଲିଟ୍ ଟାଇମିଂ ମ୍ୟାଟ୍ସ, ଟ୍ରାକିଂ କ୍ୟାମେରା ଏବଂ ୱାଇ-ଫାଇ ନେଟୱାର୍କ ଉପଯୋଗ କରାଯାଇଥିଲା। ଏହି ଦୌଡ଼ ପଥକୁ ଆସୋସିଏସନ୍ ଅଫ୍ ଇଣ୍ଟରନ୍ୟାସନାଲ ମାରାଥନ୍ସ ଆଣ୍ଡ ଡିଷ୍ଟାନ୍ସ ରେସେସ୍ (ଏଆଇଏମ୍ଏସ୍) ଦ୍ୱାରା ପ୍ରମାଣିତ କରାଯାଇଛି, ଯାହା ବିଶ୍ୱବ୍ୟାପୀ ମାରାଥନ୍ ଆୟୋଜନ କରୁଥିବା ଏକ ପ୍ରମୁଖ ଆନ୍ତର୍ଜାତିକ ସଂସ୍ଥା। ଦେଶର ବିଭିନ୍ନ ସ୍ଥାନରେ ଏଭଳି ବଡ଼ ଧରଣର ଦୌଡ଼ ପ୍ରତିଯୋଗିତା ଆୟୋଜନ କରୁଥିବା ଜାତୀୟସ୍ତରର ସଂସ୍ଥାଗୁଡ଼ିକ ଏହାର ତଦାରଖ କରିଥିଲେ। ଏହି ହାଫ୍ ମାରାଥନ୍ ଅଞ୍ଚଳର ଅନ୍ୟ ପ୍ରମୁଖ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟ ସହଯୋଗର ହାତ ବଢ଼ାଇଛନ୍ତି। ସେଗୁଡ଼ିକ ମଧ୍ୟରେ ଏମଜିଏମ୍ ମିନେରାଲସ, ନଭ ଲିମିଟେଡ, ଖେମକା ରିଫ୍ରାକଟୋରିଜ, ଆଇନକ୍ସ ଏୟାର ପ୍ରଡକ୍ଟସ୍, ଟାଟା ୱାନ ଏମଜି, ଟାଟା ଷ୍ଟିଲ ଟେକନିକାଲ ସର୍ଭିସେସ ଲିମିଟେଡ, ଟାଟା ଷ୍ଟିଲ ସାପୋର୍ଟ ସର୍ଭିସେସ ଲିମିଟେଡ, ଟାଟା ଗ୍ଲକୋ ସ୍ପୋର୍ଟସ, ଟାଟା କପର, ଟାଟା ବ୍ଲୁସ୍କୋପ୍ ଷ୍ଟିଲ, ଟିଏମ ଇଣ୍ଟରନ୍ୟାସନାଲ ଲଜିଷ୍ଟିକ ଲିମିଟେଡ, ଏବଂ ଯାମିପୋଲ ଭଳି ସଂସ୍ଥାଗୁଡ଼ିକ ସହଭାଗୀ ହୋଇଛନ୍ତି। ଏହାବ୍ୟତୀତ, ପ୍ରତିଷ୍ଠିତ ସାମ୍ବାଦିକତା ଶିକ୍ଷାନୁଷ୍ଠାନ ଭାରତୀୟ ଜନସଂଚାର ସଂସ୍ଥାନ (ଆଇଆଇଏମସି), ଢେଙ୍କାନାଳର ଛାତ୍ରଛାତ୍ରୀମାନେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହି ମେଗା ଇଭେଣ୍ଟର ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଇଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ବସ ସେବାରୁ ବଞ୍ଚିତ ମୁରୁଗା ଗ୍ରାମବାସୀ

ଭୁବନ : (ନିପ୍ର)ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଗଡ଼ ନୃସିଂହ ପ୍ରସାଦ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମୁରୁଗା ଗ୍ରାମକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି । ରାଜ୍ୟ ସରକାରଙ୍କ ମହତ୍ୱକଙ୍କ୍ଷୀ ମୁଖ୍ୟମନ୍ତ୍ରୀ ବସ ସେବା ଯେଉଁଠି ଭୁବନ ବ୍ଲକର ପ୍ରାୟ ସମସ୍ତ ଗାଁ ଭିତରକୁ ଚାଲି ଗ୍ରାମବାସୀଙ୍କୁ ସୁବିଧା ଦେଉଛି, ସେଠାରେ ମୁରୁଗା ଗ୍ରାମକୁ କାହିଁକି ଅଣଦେଖା କରାଯାଉଛି ଏହି ପ୍ରଶ୍ନ ଏବେ ଜନ ମନରେ ଘନୀଭୂତ ହେଉଛି । ଅଭିଯୋଗ ଅନୁସାରେ, ମୁରୁଗା ଗ୍ରାମ ମଧ୍ୟ ଜାତୀୟ ରାଜପଥ ସମୀପରେ ଅବସ୍ଥିତ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ବସ ଗାଁ ଭିତରକୁ ପ୍ରବେଶ କରୁନାହିଁ । ବସ ସିଧାସଳଖ ଜାତୀୟ ରାଜପଥ ଦେଇ ଚାଲିଯାଉଛି । ଯାହା ଫଳରେ ଗ୍ରାମବାସୀ, ବୃଦ୍ଧ, ଛାତ୍ରଛାତ୍ରୀ ଓ ରୋଗୀମାନେ ଭାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ସହିତ ମୁରୁଗା ଗାଁ ଛକରେ ଏପର୍ଯ୍ୟନ୍ତ ନା ବସ ଷ୍ଟାଣ୍ଡ ରହିଛି, ନା ଯାତ୍ରୀ ବିଶ୍ରାମାଗାର । ଅନ୍ୟ ଗାଁମାନେ ସମସ୍ତ ପ୍ରକାର ସୁବିଧା ପାଉଥିବା ବେଳେ ମୁରୁଗାକୁ ଏପରି ଭାବେ ଅବହେଳା କରାଯିବାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁସାରେ ଏହା କି କୌଣସି ପ୍ରଶାସନିକ ଅବହେଳା, ନା କୌଣସି ଅଦୃଶ୍ୟ ନିଷ୍ପତ୍ତି ? ଯଦି ସମସ୍ତ ଗାଁ ଭିତରକୁ ବସ ଚାଲି ପାରୁଛି, ତେବେ ମୁରୁଗା ଗ୍ରାମ କାହିଁକି ବାଦ ପଡ଼ିଛି ଏହାର ସ୍ପଷ୍ଟ ଉତ୍ତର ଦାବି କରୁଛନ୍ତି ଗ୍ରାମବାସୀ । ଏହି ସମସ୍ୟାକୁ ନେଇ ସ୍ଥାନୀୟ ଲୋକେ ଶୀଘ୍ର ପରିବହନ ବିଭାଗ ଓ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ମୁରୁଗା ଗ୍ରାମକୁ ମୁଖ୍ୟମନ୍ତ୍ରୀ ବସ ସେବାର ଆବର୍ତ୍ତନରେ ଆଣିବା ସହ ଗାଁ ଛକରେ ବସଷ୍ଟାଣ୍ଡ ଓ ବିଶ୍ରାମାଗାର ନିର୍ମାଣ ଦାବି କରିଛନ୍ତି ।

# ଦିନ ଦିପ୍ରହରେ ବ୍ୟାପକ ପରିମାଣର ମାଟି ଓ ମୋରମ ଲୁଟ



ଯାଜପୁର: (ନିପ୍ର)ଯାଜପୁର ଜିଲ୍ଲା ଦର୍ପଣ ତହସିଲ ଅନ୍ତର୍ଗତ ବୈରୀ ମୌଜାର ସରକାରୀ ଓ ଗ୍ରାମ୍ୟ ଜଙ୍ଗଲ କିସମ ଜମିରୁ କିଛି ଦିନ ହେବ ଯେଭଳି ଭାବେ ଦିନ ଦି ପ୍ରହରେ ବ୍ୟାପକ ପରିମାଣର ମାଟି ଓ ମୋରମ ଲୁଟ ଚାଲିଛି ତାହାକୁ ଦେଖିଲେ ଏଠାରେ ସତେ ଯେମିତି ମାଫିଆରାଜ ଚାଲିଥିବା ଅନୁମେୟ ହୋଇଛି ! ଖଣି, ରାଜସ୍ୱ, ଜଙ୍ଗଲ ବିଭାଗ ଅଧିକାରୀଙ୍କ ସମେତ ସ୍ଥାନୀୟ ପୋଲିସର ମିଳିତ ସଲା ସୁତୁରାରେ ହିଁ ଓସିଏଲ ସିମେଣ୍ଟ କମ୍ପାନୀର ସୋଲାର୍ ପ୍ଲାଣ୍ଟ ଓ ବଗଉ ଆଦିବାସୀ ପଡ଼ା ସଂଲଗ୍ନ ଜମି ଯେଉଁ ଠାରେ ବନ ବିଭାଗର ହାତୀ ଚଲାପଥ ରହିଛି ସେହି ଜମିରୁ ହିଁ ଦିନ ଦିପହରେ ଏକାଧିକ ଏସ୍କାଭେଟର୍ ମେସିନ୍ ସାହାଯ୍ୟରେ ମାଟି ଓ ମୋରମ ଖନନ କରାଯାଇ ବହୁ ହାଇୱା ଟ୍ରକ ଯୋଗେ ଦୈନିକ ପ୍ରାୟ ୨ ଶହ ଟ୍ରିପରୁ ଉର୍ଦ୍ଧ୍ୱ ଲଘୁ ଖଣିଜ ବିଭିନ୍ନ ଅଞ୍ଚଳକୁ ନିର୍ବିଘ୍ନରେ ଚାଲାଣ କରାଯାଉଥିଲେ ମଧ୍ୟ ସମ୍ପୃକ୍ତ ବିଭାଗୀୟ ବାବୁ ମାନେ କାହା ସ୍ୱାର୍ଥରେ ନାହିରେ ଜଡ଼ାତେଲ ଦେଇ ଶୋଇ ରହିଛନ୍ତି, ତାହା ହିଁ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ! ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ପରିବେଶ ବ୍ୟାପକ ଭାବେ ପ୍ରଦୂଷିତ ହେବା ସହ ସରକାର ସେଠାରୁ ଇତି ମଧ୍ୟରେ କୋଟିଏ ଟଙ୍କାର ରାଜସ୍ୱ ହରାଇ ସାରିଲେଣି ! ଅନ୍ୟପଟେ ସେଠାରେ ଏହି ବେଆଇନ ଖନନ କାରଣରୁ ସଂଲଗ୍ନ ପାହାଡ଼ ଓ ଜଙ୍ଗଲରେ ରହୁଥିବା ବନ୍ୟଜନ୍ତୁଙ୍କ ସ୍ୱାଭାବିକ ଜୀବନ ଯାପନ ମଧ୍ୟ ବେଶ ପ୍ରଭାବିତ ହୋଇପଡ଼ିଛି ! ତେବେ କାହା ଛତ୍ର ଛାୟାରେ ରହି ସମ୍ପୃକ୍ତ ମାଫିଆ ନିର୍ବିଘ୍ନରେ ନିଜର ଏହି ଲୁଟପାଟ କାର୍ଯ୍ୟକୁ ସୁରୁ ଖୁରୁରେ ସମ୍ପାଦିତ କରି ଆସୁଛନ୍ତି ତାହା ତ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଥାନାରେ ଚାଲିଛି ହିଟଲର ଶାସନ ବୋଲି କହିଲା: ଜେଏମଏମ

## ହାତୀ ସମସ୍ୟାର ସ୍ଥାୟୀ ସମାଧାନ କରିବାରେ ସରକାର ବିଫଳ



ମୋରଡା: (ନିପ୍ର)ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ଅଧୀନ ଘୋଳମୁଁହା ପଞ୍ଚାୟତର ରାଙ୍ଗାଦାଡାମ ଠାରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ)ର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜେଏମଏମ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ମୋରଡା ବ୍ଲକର କର୍ମକର୍ତ୍ତାଙ୍କ ସହିତ ନିର୍ବାଚନ ମଣ୍ଡଳୀ ଅଞ୍ଚଳର ସାମ୍ବାଦିକ ମାନେ ଉପସ୍ଥିତ ଥିଲେ। ମୋରଡା, ରାସଗୋବିନ୍ଦପୁର ଓ ଶୁଳିଆପଦା ବ୍ଲକ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପାନୀୟ ଜଳ କ୍ଷେତ୍ରରେ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ପ୍ରସଙ୍ଗ ଉଠାଇଥିଲେ ଜିଲ୍ଲା ସଭାପତି ଦାସ । ମୋରଡା ବ୍ଲକରେ ଅତି କମରେ ପନ୍ଦରଟି ବିଦ୍ୟାଳୟ ଜଣେ ଶିକ୍ଷକରେ ଚାଲିଛି, ମୋରଡା ବ୍ଲକର କିଶାନତାଣ୍ଡି, ଶୁଳିଆପଦା ବ୍ଲକର କୋଷ୍ଠା ଏବଂ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ତ ବିଭାଗରେ ଡାକ୍ତର ନଥିବା ବେଳେ ଏକ୍ସରେ, ଅଲଟ୍ରାସାଉଣ୍ଡ ମେସିନ ନଥିବା ହେତୁ ସ୍ୱାସ୍ଥ୍ୟ ସେବା ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି ଏବଂ ଲୋକେ ବିଶୁଦ୍ଧ ପାନୀୟ ଜଳ ମଧ୍ୟ ପାଉ ନାହାନ୍ତି ବୋଲି କହିଥିଲେ ଶ୍ରୀ ଦାସ । ସେହିପରି ମୋରଡା ନିର୍ବାଚନ ମଣ୍ଡଳୀରେ ବେକାରୀ ସମସ୍ୟା ବୃଦ୍ଧି ପାଉଛି। ଏଥି ସହିତ ପୂର୍ବର ବିଜେଡି ସରକାର କି ବର୍ତମାନର ଭାଜପା ସରକାର ଅଞ୍ଚଳରେ ହାତୀ ସମସ୍ୟାର ସ୍ଥାୟୀ ସମାଧାନ କରିବାରେ ବିଫଳ। ତେଣୁ ମୟୂରଭଞ୍ଜ ଜିଲ୍ଲାର ଉନ୍ନତି ମାନ ଚିତ୍ରରେ ମୋରଡା ବ୍ଲକର ସ୍ଥାନ ନାହିଁ ବୋଲି କହିଥିଲେ ସଭାପତି ଦାସ। ତେବେ ମୋରଡା ଥାନା ପୋଲିସ ବାବୁ ମାନଙ୍କ ଉପରେ ବର୍ଷିଥିଲେ ଶ୍ରୀ ଦାଶ ଏବଂ ପ୍ରତିକ୍ରିୟାରେ କହିଥିଲେ ଯେ ବର୍ତ୍ତମାନ ଥାନାରେ ହିଟଲର ଶାସନ ଚାଲିଛି, ଭଦ୍ର ସମାଜରେ ମୋରଡା ପୋଲିସର ଜନସାଧାରଣଙ୍କ ଉପରେ ଅତ୍ୟାଚାରକୁ ନେଇ ଆମର ଏକ ପ୍ରତନିଧି ଟିମ ମୟୂରଭଞ୍ଜ ଏସପିଙ୍କ ସହିତ ଆଲୋଚନା କରିଛନ୍ତି।ଆଗାମୀ ଦିନରେ ପୋଲିସ ବାବୁଙ୍କ ଲୋକଙ୍କ ପ୍ରତି ଅତ୍ୟାଚାରକୁ ବିରୋଧ କରି ଜେଏମଏମ ରାଜରାସ୍ତାକୁ ଓହ୍ଲାଇ ଲୋକଙ୍କ ସ୍ୱର ହେବ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଜେଏମଏମ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ ।

## ପଡୋଶୀ ସାଜିଲା ଯୌନ ରାକ୍ଷସ ବୃଦ୍ଧାଙ୍କୁ ଦୁଷ୍କର୍ମ ପରେ ହତ୍ୟା

ଉଦଳା : (ନିପ୍ର)ସମାଜକୁ ଲଜ୍ଜିତ କରି ଦେଇଥିବା ଏକ ନିର୍ମମ ଘଟଣା। ଯୌନ ଲାଳସାର ସୀମା ଛାଡ଼ି ନରପିଶାଚ ସାଜିଲା ପଡୋଶୀ। ନିଜ ଘରେ ଅସୁରକ୍ଷିତ ହେଲେ ଏକାକୀ ରହୁଥିବା ବୃଦ୍ଧା। ଯୌନ ନିର୍ଯ୍ୟାତନା ପରେ ପଥରରେ ଛେଚି ହତ୍ୟା। ଏହି ଭଳି ହୃଦୟ ବିଦାରକ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ଅମ୍ବିକାଦେଇପୁର ମାହାଲୀ ସାହି ଗ୍ରାମରେ। ମୃତକ ହେଲେ ରଇବାରୀ ସିଂ। ସେ ଦୀର୍ଘଦିନ ଧରି ଏକାକୀ ଭାବେ ଘରେ ରହୁଥିଲେ। ଅଭିଯୋଗ ଅନୁସାରେ ଅପରାହ୍ନ ସମୟରେ ପଡୋଶୀ ରଘୁ ହେମ୍ବ୍ରମ ବୃଦ୍ଧାଙ୍କ ଘରେ ପ୍ରବେଶ କରି ବଳପୂର୍ବକ ଯୌନ ନିର୍ଯ୍ୟାତନା କରିଥିଲା। ପରେ ଘଟଣା ପ୍ରମାଣ ଲୁଚାଇବା ଉଦ୍ଦେଶ୍ୟରେ ପଥରରେ ଆକ୍ରମଣ କରି ବୃଦ୍ଧାଙ୍କୁ ହତ୍ୟା କରିଥିଲା। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲା।ସନ୍ଦେହ ଜନକ ପରିସ୍ଥିତି ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ଉଦଳା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମର ସହାୟତାରେ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଦୁଷ୍କର୍ମ ପରେ ହତ୍ୟା ହୋଇଥିବା ସ୍ପଷ୍ଟ ହୋଇଛି। ପୋଲିସ ତ୍ୱରିତ ପଦକ୍ଷେପ ନେଇ ଅଭିଯୁକ୍ତ ରଘୁ ହେମ୍ବ୍ରମକୁ ଗିରଫ କରିଛି ଏବଂ ଆଗାମୀ ତଦନ୍ତ ଜାରି ରହିଛି ।

# ସାପୁଆ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କୁ ଶୋଷଣ ଅଭିଯୋଗ

## ମନଇଚ୍ଛା ଫି ଆଦାୟ ଯୋଗୁଁ ମୁହଁ ମୋଡ଼ିଲେଣୀ ପର୍ଯ୍ୟଟକ



ହିନ୍ଦୋଳ : (ନିପ୍ର)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଥିବା ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହିନ୍ଦୋଳ ବ୍ଲକ ରାସୋଳ ଥାନା ଅନ୍ତର୍ଗତ ଦାଣ୍ଡିରୀ ପଞ୍ଚାୟତର ସାପୁଆ ଡ୍ୟାମରେ ବଣଭୋଜି ପାଇଁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଦୈନିକ ହଜାରହଜାର ଲୋକ ଏଠାକୁ ଆସୁଥିବା ବେଳେ ପିଣ୍ଡି ଓ ପାର୍କିଙ୍ଗ ଫି ନାମରେ ଜୁଲମ ର ଶିକାର ହେଉଛନ୍ତି ଯାହାକୁ ନେଇ ପର୍ଯ୍ୟଟକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ସୁରକ୍ଷା ବ୍ୟବସ୍ଥା ଆଦି ମୌଳିକ ସୁବିଧା ଅଦ୍ୱଂନଥାଇ ବେନିୟମ ଭାବେ ଲୁଚାଣିଆ ଟେଣ୍ଡର ଡକାଯାଇ ତରବରିଆ ଭାବେ ପାର୍କିଙ୍ଗ ଫି ଆଦାୟ କରିବା ପାଇଁ ଯୋଜନାକୁ ଅଞ୍ଚଳବାସିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସାପୁଆ ଡ୍ୟାମ ପ୍ରାକୃତିକ ଶୋଭାରାଜିରେ ଭରପୁର ରହିଥିବା ବେଳେ ନୀଳ ଜଳରାଶି ସହ ଶାଳଜଙ୍ଗଲରେ ବଣଭୋଜି କରିବାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମି ଥାଏ,ବିଶେଷ କରି ନଭେମ୍ବର ରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏଠାରେ ବଣ ଭୋଜି କରିବା ପାଇଁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ବଣଭୋଜି କରିବାକୁ ରାଜ୍ୟ ଓ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁ ଥିବା ଦେଖିବାକୁ ମିଳୁଛି।ତେବେ ପର୍ଯ୍ୟଟନ ସ୍ଥଳୀର କିଛି ଉନ୍ନତି କରଣ କରାଯାଇଥିବା ବେଳେ ଏବେ ଏହି ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କୁ ଜୋର ଜବର ଦାଦାଗିରି କରି ଶୋଷଣ କରାଯାଉଛି। ହିନ୍ଦୋଳ ବ୍ଲକ ପ୍ରଶାସନ ପକ୍ଷରୁ ତରବରିଆ ଭାବେ ଟେଣ୍ଡର ଡକା ଯାଇ ଗୋଟିଏ ଗୋଷ୍ଠୀଙ୍କୁ ଏହାର ଦାଇତ୍ୱ ଦିଆଯାଇଥିବା ଜଣାପଡ଼ିଥିବା ବେଳେ ଟେଣ୍ଡର ପ୍ରକ୍ରିୟା କୌଣସି ଖବର କାଗଜରେ ବିଜ୍ଞପ୍ତି ପ୍ରକାଶ ପାଇନଥିବା ଅଭିଯୋଗ ହେଉଛି ଏପରିକି କହାକୁ ଏହାର ଦାଇତ୍ୱ ଦିଆଯାଇଛି କେଉଁ ଗାଡିକୁ କେତେ ଟଙ୍କା ପାର୍କିଙ୍ଗ ଫିସ ଆଦାୟ ହେବ ଓ ପିଣ୍ଡି ପାଇଁ କେତେ ଟଙ୍କା ଆଦାୟ କରାଯିବ ସାପୁଆ ପର୍ଯ୍ୟଟନ ସ୍ଥଳୀରେ ଏହାର କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇ ନଥିବା ଦେଖିବାକୁ ମିଳିଛି ।

## ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଅଶ୍ରୁଳ

# ଶ୍ରଦ୍ଧାଞ୍ଜଳି



## ୰ଲକ୍ଷ୍ମୀପ୍ରିୟା ଦାସ

**ଧରାବତରଣ**
୩୧.୦୭.୧୯୫୩

**ସ୍ୱର୍ଗାରୋହଣ**
୨୭.୦୧.୨୦୨୫

Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com, Ph. No. (0674) 3522400 Mobile- 8280000007, Printed at Om printers,Mancheswar Industrial Estate, Bhubaneswar - 751010

**Chief Editor: Sirdhartha Roy**
ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

**Editor - Monalisa Das**
ସମ୍ପାଦିକା: ମୋନାଲିସା ଦାସ